


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୯ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 June 2026

Vol.No. 36 ■ No.169 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ପାଣିରେ ପଡ଼ିଲା ଶାନ୍ତିଚୁକ୍ତି: ପୁଣି ଅଶାନ୍ତ ପଶ୍ଚିମ ଏସିଆ



ନୂଆଦିଲ୍ଲୀ,୨୮/୬ : ଐତିହାସିକ ଶାନ୍ତି ଚୁକ୍ତିକୁ ୧୦ ଦିନ ପୁରିନି, ଯୁଦ୍ଧ ମଇଦାନକୁ ଓହ୍ଲାଇଲେ ଆମେରିକା ଇରାନ । ବିବାଦର କେନ୍ଦ୍ରସ୍ଥଳ ପୁଣି ସେହି ହର୍ମୁଜ । କାହା ନିୟନ୍ତ୍ରଣରେ ରହିବ ହର୍ମୁଜ ପ୍ରଣାଳୀ, ତାକୁ ନେଇ ଘମାଘୋଟ ଯୁଦ୍ଧ । ପାନାମାର ଏକ ଜାହାଜ ଉପରେ ଇରାନର ଆକ୍ରମଣ ପରେ ୧୦ଟି ସ୍ଥାନକୁ ଟାର୍ଗେଟ କରିଛି ଆମେରିକା। ଏହାର କଡା ଜବାବ ଦେଇଛି ତେହେରାନ୍ । ଶାନ୍ତି ଚୁକ୍ତିର ଦୁଇ ସପ୍ତାହ ନପୁରୁଣୁ ଇରାନ ଉପରେ ବଡ଼ ଆକ୍ରମଣ କରିଛି ଆମେରିକା ସେନା । ଇରାନର ୧୦ଟି ସେନା କ୍ୟାମ୍ପ ଉପରେ ଜୋରଦାର ହମଲା କରିଛି। ଏହାର ଜବାବରେ ମଧ୍ୟପ୍ରାଚ୍ୟରେ ଥିବା ୮ଟି ଆମେରିକୀୟ ସେନା କ୍ୟାମ୍ପକୁ ଟାର୍ଗେଟ୍ କରିଛି ଇରାନ । ଶନିବାର ରାତି ୨ରୁ ୩ଟା ଭିତରେ ହମଲା ହୋଇଥିବା କହିଛି ଇରାନର ଆଇଆରଜିସି । କୁଏତ ଓ ବାହାରିନରେ ଥିବା ଆମେରିକାର କ୍ୟାମ୍ପରେ ରକେଟ୍ ଓ ଡ୍ରୋନ୍ ଆକ୍ରମଣ କରି ମାଟିରେ ମିଶାଇ ଦେଇଛି ତେହେରାନ । କୁଏତର ଅଲ୍ଲି-ଅଲ-ସଲେମ ଏୟାରବେସ୍, ସଲମାନ୍ ପୋର୍ଟ ଏବଂ ବାହାରିନର ପଞ୍ଚମ ବଡ଼ ବନ୍ଦର ଏବେ ଭଗ୍ନସ୍ତୁପରେ ଭଳି ଦେଖାଯାଉଛି । ତେବେ ହଠାତ୍ କାହିଁକି ଆରମ୍ଭ ହେଲା ଯୁଦ୍ଧ ? ଶାନ୍ତିଚୁକ୍ତି ପରେ କାହିଁକି ଯୁଦ୍ଧବିରତି ନିୟମର ଉଲଂଘନଚୁକ୍ତି ଅନୁସାରେ ହର୍ମୁଜ୍ ଉପରେ ନିୟନ୍ତ୍ରଣ କେବଳ ଇରାନ ଓ ଓମାନର ରହିବ । ଜାହାଜ ଚଳାଚଳ ପାଇଁ ଇରାନର ଅନୁମତି ନେବା ନିହାତି ଆବଶ୍ୟକ। ଚୁକ୍ତି ସ୍ୱାକ୍ଷର ହେବା ପରଠାରୁ ସ୍ଥିତିରେ ଧିରେ ଧିରେ ସୁଧାର ଆସିବା ସହ ଅନେକ ଦେଶର ଜାହାଜ ହର୍ମୁଜ ଅତିକ୍ରମ କରିଛନ୍ତି। ହେଲେ ଶନିବାର ପାନାମାର ପତାକା ଥିବା ଏକ ଜାହାଜକୁ ଇରାନ ଆକ୍ରମଣ କରିଥିଲା । ଯାହାକୁ ସହଜରେ ଗ୍ରହଣ କରିନଥିଲା ଆମେରିକା । ଇରାନ କହିଛି ଯେ, ବିନା ଅନୁମତିରେ ଏହି ଜାହାଜ ହର୍ମୁଜ୍ ଅତିକ୍ରମ କରିବାକୁ ଉଦ୍ୟମ କରୁଥିଲା । ବାରମ୍ବାର ତାଗିଦ କଲେ ବି ଜାହାଜ ପକ୍ଷରୁ କୌଣସି ପ୍ରତିକ୍ରିୟା ନଥିଲା । ଇରାନର ଏହି ଆକ୍ରମଣ ପରେ ଟ୍ରମ୍ପ ସୋସିଆଲ ମିଡିଆରେ ଧମକ ଦେବା ସହ ୧୦ଟି ଠିକଣା ଉପରେ ରକେଟ ମାଡ଼ କରିଥିଲେ । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପରେ କୁଏତ ଓ ବାହାରିନର ବୈଦେଶିକ ମନ୍ତ୍ରୀ ଆମେରିକା ସହ ଆଲୋଚନା କରିଛନ୍ତି । ମଧ୍ୟସ୍ଥି ସାଜିଥିବା ପାକିସ୍ତାନ ମଧ୍ୟ ଇସଲାମାବାଦ ଚୁକ୍ତିକୁ ଦୋହରାଇ ଶାନ୍ତି ଉଦ୍ୟମ ପାଇଁ ପ୍ରୟାସ କରୁଛି ।

# ଗଜାନନ ବେଶରେ ଦର୍ଶନ ଦେବେ ଶ୍ରୀଜିଉ: ଚାତକ ଭଳି ଚାହିଁ ରହିଛନ୍ତି ଜଗନ୍ନାଥ ପ୍ରେମୀ



ପୁରୀ, ୨୮/୬ (ନି.ପ୍ର): ସ୍ନାନ ପୂର୍ଣ୍ଣିମାରେ ହାତୀବେଶ ବା ଗଜାନନ ବେଶରେ ଦର୍ଶନ ଦେବେ ଶ୍ରୀଜିଉ । ମହାପ୍ରଭୁଙ୍କୁ ହାତୀବେଶରେ ଦର୍ଶନ ପାଇଁ ଧାଇଁ ଆସିଥାନ୍ତି ଶ୍ରଦ୍ଧାଳୁ। ଏଥିପାଇଁ ସମସ୍ତ ପ୍ରସ୍ତୁତ କରିଥାନ୍ତି ପୁରୀର ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ । ବହୁ ପୁରାତନ କାଳରୁ ଚାଲିଆସୁଥିବା ଏହି ପରମ୍ପରାକୁ ମଠ ପକ୍ଷରୁ ବଜାୟ ରହିଛି । ସେଥିପାଇଁ ହାତୀବେଶର ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ । ସ୍ନାନମଣ୍ଡପରେ ସୁବାସିତ ଜଳରେ ସ୍ନାନ କରିବା ପରେ ହାତୀବେଶ ବା ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନବେଦୀରେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଚାତକ ଭଳି ଚାହିଁ ରହିଛନ୍ତି କୋଟି କୋଟି ଜଗନ୍ନାଥ ପ୍ରେମି। ବେଶ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟତଃ କଦଳୀଗଛର ପାଟୁଆ , କଇଁଥ ଅଠା , ସୋଲ , ଜରି , କପଡା , ଲେସ ଆଦିକୁ ବ୍ୟବହାର କରି ମହାପ୍ରଭୁଙ୍କ ଗଜାନନ ବେଶ ପାଇଁ ପ୍ରସ୍ତୁତ ହୋଇଛି ବିଭିନ୍ନ ସାଜସଜା। ବିଶେଷକରି ରାଘବଦାସ ମଠ ପକ୍ଷରୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କର ଓ ଗୋପାଳତୀର୍ଥ ମଠ ତରଫରୁ ବଳଭଦ୍ରଙ୍କର ସେବା ଯୋଗାଇ ଦିଆଯାଇଥାଏ । ସେମାନେ ଏହାକୁ ଠାକୁରଙ୍କ ସେବା ଭାବରେ ଗ୍ରହଣ କରିଥାନ୍ତି । ପାରମ୍ପରିକ ସେବା ହେଇଥିବାରୁ ପିଢି ଅନୁଯାୟୀ କାରିଗରମାନେ ହାତୀବେଶକୁ କରିଥାନ୍ତି । ଏହି ଗଜାନନ ବେଶକୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ମହଲରେ ବଢ଼ି ଚାଲିଛି ଆବେଗ। ଭକ୍ତ ଗଣପତି ଭଟ୍ଟଙ୍କୁ ଦର୍ଶନ ଦବାପାଇଁ ମହାପ୍ରଭୁ ଏହି ବେଶ ଧାରଣ କରିଥିଲେ ବୋଲି ଲୋକକଥା ରହିଛି । ସେଥିପାଇଁ ପୁରୀର ଗୋପାଳତୀର୍ଥ ମଠ ଓ ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସେବା ଯୋଗାଇଥାନ୍ତି । ଅକ୍ଷୟ ତୃତୀୟା ଠାରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ସ୍ନାନ ପୁର୍ଣ୍ଣିମା ଦିନ ଶେଷ ହୋଇଥାଏ । ଏହି କାର୍ଯ୍ୟରେ ସୋଲ କାରିଗର , ଦର୍ଜି , ଚିତ୍ରକର ଓ ମାଳି ଏକତ୍ର ମିଳିମିଶି ନିୟମ ନିଷ୍ଠାରେ କାମ କରିଥାନ୍ତି । ସ୍ନାନ ପୂର୍ଣ୍ଣିମା ପାଇଁ ଚଳ ଚଞ୍ଚଳ ହେଲାଣି ଶ୍ରୀକ୍ଷେତ୍ର। ଜମିଲାଣି ଗହଳି ଚହଳି ।

## ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଉତ୍ତେଜନା

ଭୁବନେଶ୍ୱର, ୨୮/୬ (ନି.ପ୍ର): ବରମୁଣ୍ଡା ବସଷ୍ଟାଣ୍ଡ ନିକଟରେ ଉତ୍ତେଜନା। କଷ୍ଟମର ଉଠାଇବାକୁ କେନ୍ଦ୍ର କରି ଅଟୋ ସଂଘ ଓ ଅନଲାଇନ ବାଇକ ସେବା ଯୋଗାଉ ଥିବା ଜିଆଇଜି ବାଇକ ୟୁନିୟନ ମଧ୍ୟରେ ବଚସା। ଘଟଣାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅଟୋ ସଂଘକୁ ବିରୋଧ କରି ଜିଆଇଜି ୟୁନିୟନର ସଦସ୍ୟମାନେ ବହୁ ସଂଖ୍ୟାରେ ବସ୍ ଷ୍ଟାଣ୍ଡ ନିକଟରେ ଏକାଠି ହୋଇଥିଲେ ।

# ରାଜ୍ୟରେ ସ୍ୱାଭାବିକ ଠାରୁ କମ୍ ବର୍ଷା: ଆରମ୍ଭ ହୋଇପାରୁନି ଚାଷ



ଭୁବନେଶ୍ୱର, ୨୮/୬ (ନି.ପ୍ର): ଦିନକ ପରେ ଜ୍ୟେଷ୍ଠ ସରି ଆଷାଢ ଆରମ୍ଭ ହେବାକୁ ଯାଉଛି। ହେଲେ ଏ ପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ସାରା ରାଜ୍ୟକୁ ମୌସୁମୀ ବାୟୁ ଛୁଇଁଥିଲେ ହେଁ ପର୍ଯ୍ୟାପ୍ତ ପରିମାଣର ବର୍ଷା କରିପାରିନାହିଁ । ଆଉ ତାର ସିଧାସଳଖ ପ୍ରଭାବ ପଡ଼ିଛି ଚାଷୀଙ୍କ ଉପରେ। ପର୍ଯ୍ୟାପ୍ତ ବର୍ଷା ନହେବାରୁ ଚାଷ କାମ ଆରମ୍ଭ କରିପାରିନାହାନ୍ତି । ଯଦି ଆଗକୁ ଠିକ୍ଠାକ୍ ବର୍ଷା ନ ହୁଏ ଚାଷ କାର୍ଯ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ ସୃଷ୍ଟି ହୋଇ ରାଜ୍ୟରେ ଭଲ ବର୍ଷିବ ବୋଲି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ଜୁନ୍ ସରି ଜୁଲାଇ ଆରମ୍ଭ ହେବାକୁ ଯାଉଛି, ହେଲେ ଏବେ ବି ଚାଷ ଜମିଗୁଡିକ ସେମିତି ପଡ଼ିଆ ପଡ଼ିଛି। ପର୍ଯ୍ୟାପ୍ତ ବର୍ଷା ଅଭାବରୁ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏ ଯାଏ ଆରମ୍ଭ ହୋଇ ପାରିନି ଚାଷ କାମ। ବାଲେଶ୍ୱର ଭୋଗରାଇ ବ୍ଲକ ନହରା ଗାଁର ଚାଷୀ ନବକୁମାର ଧଳ, ରଜ ବେଳୁ ତଳି ପକାଇବା ଆରମ୍ଭ କରିଥାନ୍ତି । ହେଲେ ବର୍ଷା ଅଭାବରୁ ସେ ଏପର୍ଯ୍ୟନ୍ତ ଜମିରେ ହଳ କରିପାରିନାହାନ୍ତି। ଠିକ୍ ସେଭଳି ସ୍ଥିତି ଭାତହାଣ୍ଡି ବରଗଡ଼ ଜିଲ୍ଲାର ଚାଷୀଙ୍କର। ହୀରାକୁଦ କେନାଲ ପାଣି ଜରିଆରେ ଜିଲ୍ଲାର ଅଧିକାଂଶ ବ୍ଲକରେ ଚାଷ ହୁଏ। ଆଉ ଏଥିରେ ମୌସୁମୀ ବର୍ଷା ଭିଟାମିନ୍ ଭଳି କାମ ଦେଇଥାଏ। ହେଲେ ବର୍ତ୍ତମାନ କେନାଲ ପାଣି ଛଡା ଯାଇ ନଥିବା ବେଳେ ପର୍ଯ୍ୟାପ୍ତ ବର୍ଷା ବି ହୋଇ ନାହିଁ। ତେଣୁ ଚାଷ କାମ ଆରମ୍ଭ ହୋଇପାରିନାହିଁ। ସମାନ ସ୍ଥିତି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଚାଷୀଙ୍କର। ଜୁନ ମାସରେ ବିହନ ବୁଣା ଏବଂ ତଳି ପକାଇ ଜମିରେ କାମ କରୁଥିବା ଚାଷୀ ବର୍ଷା ନ ହେବାରୁ ଆଶଙ୍କାରେ।

◆◆ପୃଷ୍ଠା ୭

## ସରକାରୀ ବାସଭବନରେ ଲୋକଙ୍କ ଅଭିଯୋଗ ଶୁଣିଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୮/୬ (ନି.ପ୍ର): ରାଜ୍ୟ ଆଇନ , ପୂର୍ତ୍ତ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ଦିନ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ନିଜ ନିର୍ବାଚନ ମଣ୍ଡଳୀ ସମେତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜନସାଧାରଣ ମାନଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାଗୁଡ଼ିକ ଶୁଣଛନ୍ତି। ମନ୍ତ୍ରୀ ଜନସାଧାରଣଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ମାଧ୍ୟମରେ ଆବଶ୍ୟକ ଓ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସମ୍ପର୍କିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ତାମିଲନାଡୁରେ ଗ୍ୟାସ୍ ଲିକ୍ ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି

ଭୁବନେଶ୍ୱର, ୨୮/୬ (ନି.ପ୍ର): ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ପେରିୟପାଲୟମ ନିକଟରେ ଥିବା ଏକ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଦୁଇ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଦୁଇ ଜଣ ମଧ୍ୟ ଯୁବତୀ। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଟାଙ୍ଗିରି ଦୁବନଳି ସାହିର ବୃନ୍ଦା ଜୁଆଙ୍ଗଙ୍କ ଝିଅ କବିତା ଜୁଆଙ୍ଗ ଓ ଅନ୍ୟ ଜଣେ ଅନୁଗୋଳ ଜିଲ୍ଲା ଖମାର ଥାନା ଆଲୁରୀ ପଞ୍ଚାୟତ ଅନ୍ଧାରି ସାହିର ବୁଧୁବାରୀ ନାଏକ। ଏହା ସହିତ ଏହି ଘଟଣାରେ ୧୩ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଲାଣି। ସମସ୍ତ ମୃତକ ହେଉଛନ୍ତି ଯୁବତୀ। ଏହି ଘଟଣା ପରେ ସରକାର ତାମିଲନାଡୁରୁ ୨୩ ଜଣ ଯୁବତୀ ଓ ୩୫ ଜଣ ଯୁବକଙ୍କୁ ଫେରାଇ ଆଣିଛନ୍ତି। ଆଉ ୭ ଜଣ ସେଠାରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦୁଝର ଜିଲ୍ଲାର ତେଲକୋଇ, ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ଏହି ଜୁଆଙ୍ଗ ଜନଜାତି ଯୁବକ ଓ ଯୁବତୀ ଶ୍ରୀକାନ୍ତ ଜୁଆଙ୍ଗ ନାମକ ଜଣେ ଦଲାଲର ପ୍ରରୋଚନା ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେମାନେ ରାଜେଶ କଣ୍ଟ୍ରାକ୍ଟର ଅଧୀନରେ କାମ କରୁଥିଲେ। ଗତକାଲି ତାମିଲନାଡୁ ପୁଲିସ ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଜୁଆଙ୍ଗ ଓ ରାଜେଶ ମଧ୍ୟ ଅଛନ୍ତି। ରାଜ୍ୟ ବାହାରକୁ କେବଳ ଜୁଆଙ୍ଗମାନଙ୍କୁ ଜଣେ ଜୁଆଙ୍ଗ ମଧ୍ୟସ୍ଥିଙ୍କ ଜରିଆରେ ନିଆଯାଉଥିଲା। କିନ୍ତୁ ଯା ପଛରେ ଗୋଟିଏ ବଡ଼ ସଂଗଠନ କାମ କରୁଥିବା ଦାଦନ ଯାଇଥିବା ଶ୍ରମିକମାନଙ୍କ ଆତ୍ମୀୟମାନେ ଅଭିଯୋଗ ଆଣିଛନ୍ତି।

# ପୂର୍ବତନ ସାଂସଦଙ୍କ ପୁଅ କହି ୫ କୋଟି ଠକେଇ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮/୬ (ନି.ପ୍ର): ପୂର୍ବତନ ସାଂସଦଙ୍କ ପୁଅ କହି ଠକେଇ କରୁଛନ୍ତି ଜଣେ ହାଇ ପ୍ରୋଫାଇଲ୍ ଠକକୁ ଭୁବନେଶ୍ୱର ଇନ୍‌ଫୋସିଟି ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ନିଜକୁ ପୂର୍ବତନ ସାଂସଦ କୃପାସିନ୍ଧୁ ଭୋଇଙ୍କ ପୁଅ କହି ଠକୁଥିଲା। କାର୍ ସର୍ଭିସ୍ କମ୍ପାନୀ ନାମରେ ୫ କୋଟି ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ୍ ତାକୁ ନେପାଳ ଓ ପଶ୍ଚିମବଙ୍ଗ ସୀମାରୁ ଗିରଫ କରି ଛାନଭିନ୍ କରୁଛି।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

| FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent |
|---|---|---|---|

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


# ସେଶେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୨୮/୬ : ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ କ୍ଷେତ୍ରରେ ଅଗ୍ରଣୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଶେଲ୍ସର ସର୍ବୋଚ୍ଚ ରାଷ୍ଟ୍ରପତି ସମ୍ମାନ ''ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'' ପ୍ରଦାନ କରାଯାଇଛି। ଦ୍ୱୀପରାଷ୍ଟ୍ର ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଗ୍ରହଣ କରିବା ସହ ଏହାକୁ ଜଳବାୟୁ ପରିବର୍ତ୍ତନର ବଢୁଥିବା ଆହ୍ୱାନର ସାମ୍ନା କରୁଥିବା ଏବଂ ପରିବେଶ ସୁରକ୍ଷାକୁ ନିଜର ଦାୟିତ୍ୱ ମନେ କରୁଥିବା ସମସ୍ତ ଦେଶ ପ୍ରତି ଉତ୍ସର୍ଗ କରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ ''ଏକ୍ସ'' ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ସେଶେଲ୍ସର ଜନସାଧାରଣ, ସରକାର ଓ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କୁ ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱକୁ ଅଧିକ ସବୁଜ ସୁନ୍ଦର କରିବା ପାଇଁ ଭାରତର ''ଲାଇଫ୍ ମିଶନ'', ଆନ୍ତର୍ଜାତୀୟ ସୌର ମେଣ୍ଟ ଭଳି ବିଶ୍ୱସ୍ତରୀୟ ପ୍ରୟାସ ଏହି ଦିଗରେ କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ନିଜର ଏହି ତିନିଦିନିଆ ଗସ୍ତର ପ୍ରଥମ ଦିନରେ ରବିବାର ପ୍ରଧାନମନ୍ତ୍ରୀ ମୋଦୀ ସେଶେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଷ୍ଟେଟ୍ ହାଉସଠାରେ ଏକ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏଥିରେ ଦୁଇ ଦେଶ ମଧ୍ୟରେ ଥିବା ରଣନୀତିକ ସମ୍ପର୍କ, ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗ ଏବଂ ସାମୁଦ୍ରିକ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର ''ମହାସାଗର'' ଭିଜନ ଅଧୀନରେ ସେଶେଲ୍ସ ଭାରତର ଏକ ପ୍ରମୁଖ ସାମୁଦ୍ରିକ ସହଯୋଗୀ ଅଟେ। ଆସନ୍ତା ସୋମବାର ପ୍ରଧାନମନ୍ତ୍ରୀ ସେଶେଲ୍ସର ସୁବର୍ଣ୍ଣ ଜୟନ୍ତୀ ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଏବଂ ସେଠାକାର ଜାତୀୟ ସଭାକୁ ସମ୍ବୋଧିତ କରିବା ସହ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ମତ ବିନିମୟ କରିବେ।

# ନବ ଦାସ ହତ୍ୟା ଘଟଣାରେ ନ୍ୟାୟ ମିଳିବ: ମନମୋହନ ସାମଲ



ଭୁବନେଶ୍ୱର, ୨୮/୬ (ନି.ପ୍ର): ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ନ୍ୟାୟ ମିଳିବ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ ସରକାର ସବୁ ତଥ୍ୟ ଅନୁଧ୍ୟାନ କରୁଛନ୍ତି, ବିଚାରବିମର୍ଶ ଚାଲିଛି। ଲିଗାଲ ଡିପାର୍ଟମେଂଟ ବିଚାରବିମର୍ଶ କରୁଛନ୍ତି। ନ୍ୟାୟ ମିଳିବା ଉଚିତ୍ ଆଉ ନ୍ୟାୟ ମିଳିବ ମଧ୍ୟ। ଦିବାଲୋକରେ ମନ୍ତ୍ରୀଙ୍କୁ ହତ୍ୟା କରିବା ଛୋଟ ବିଷୟ ନୁହେଁ। ସୂଚନାଯୋଗ୍ୟ ଯେ ୨୦୨୩ ଜାନୁଆରୀ ୨୯ ତାରିଖରେ ବ୍ରଜରାଜନଗର ଗାନ୍ଧୀ ଛକରେ ଦିନ ଦ୍ୱିପ୍ରହରରେ ବିଜେଡି ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଘଟଣାରେ ଅଭିଯୁକ୍ତ ଗୋପାଳ ଦାସ ଗିରଫ ହୋଇଥିଲା।

# ରୋଟାରୀ ଗଭର୍ଣ୍ଣରଙ୍କ ଫୁଲବାଣୀ ଗସ୍ତ: ବିଭିନ୍ନ କାର୍ଯ୍ୟର ସମୀକ୍ଷା

କନ୍ଧମାଳ, ୨୮/୦୬ (ନି.ପ୍ର): ରୋଟାରୀ ଗଭର୍ଣ୍ଣର ୨୦୨୫।୨୬ ରୋଟକ୍ଷରିଆନ ମନୋଜ ତ୍ରିପାଠୀ ଓ ଫାଷ୍ଟ ଲେଡୀ ମଧୁସ୍ମିତା ତ୍ରିପାଠୀ ଫୁଲବାଣୀ ଗସ୍ତରେ ଆସି ସ୍ଥାନୀୟ ନାରାୟଣୀ ରୋଡ ରେ ଥିବା ରୋଟାରୀ କ୍ଲବ ପରିଦର୍ଶନ ରେ ଯାଇ ଚଳିତ ୨୦୨୫। ୨୬ ବର୍ଷରେ ଫୁଲବାଣୀ ରୋଟାରୀ କ୍ଲବ ର ଆୟ ବ୍ୟୟ ହିସାବ ଓ କ୍ଲବ୍ ପକ୍ଷରୁ କ'ଣ ସବୁ କାର୍ଯ୍ୟ ହାତକୁ ନିଆଯାଇଥିଲା ସେ ସମ୍ପର୍କରେ ସଭାପତି ପ୍ରକାଶ ପଣ୍ଡା ଓ ସମ୍ପାଦକ ବିରଜା ପ୍ରସାଦ ନାହାକଙ୍କ ସହ ଆଲୋଚନା କରିଥିଲେ । କ୍ଲବ୍ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଂଚଳରେ ବସ ବାସ କରୁଥିବା ଗରିବ ଲୋକଙ୍କ ପାଇଁ ଅଧିକ କାର୍ଯକ୍ରମ ହାତକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ରୋଟାରୀ ଗଭର୍ଣ୍ଣର ମନୋଜ ତ୍ରିପାଠୀ ଓ ଫାଷ୍ଟ ଲେଡୀ ମଧୁସ୍ମିତା ଫୁଲବାଣୀରେ ପହଂଚିବା ପରେ ତାଙ୍କୁ କ୍ଲବ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । ଏହି ଅବସରରେ କ୍ଲବ୍ ପକ୍ଷରୁ ଆୟୋଜିତ ସହରରେ ଥିବା ବାଲକ୍ଷଶ୍ରମ ଠାରେ ଥିବା ୫୦ ଜଣ ଅନ୍ତେବାସୀ ଙ୍କୁ ଖାତା ପେନ୍ସିଲ, ରବର, ବିସ୍କୁଟ, ଚକ୍ଲେଟ ଗାମୁଛା ଆଦି ଗଭର୍ଣ୍ଣର ମନୋଜ ତ୍ରିପାଠୀ ଓ ଅନ୍ୟ ପ୍ରଦାନ କରିବା ସହ ପିଲାଙ୍କୁ ଉଚିତ୍ ମାର୍ଗଦର୍ଶନ କରିଥିଲେ । ସେହିପରି ଶକ୍ତି ସଦନ ଯାଇ ସେଠାରେ ଥିବା ନିର୍ଯ୍ୟାତିତକ୍ଷ ମହିଳା ମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ମହିଳା ମାନେ କିପରି ସ୍ୱାବଲମ୍ବୀ ହୋଇ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ୍ ହୋଇପାରିବେ ସେ ନେଇ କକ୍ଷର୍ଯ୍ୟ କରିବା ପାଇଁ କହିଥିଲେ । ଅନ୍ୟ ମାନଙ୍କ ମଧରେ ୨୦୨୫/୨୬ ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ ରୋଟକ୍ଷରିଆନ ତଥା ଆସିଷ୍ଟାଂଟ ଗଭର୍ଣ୍ଣର ବିପ୍ର ଚରଣ ପାତ୍ର, ପ୍ରଶାନ୍ତ କୁମାର ପାଣିଗ୍ରାହୀ, କେ ଜ୍ଞାନ ଦୋରା,୨୦୨୬/୨୭ବର୍ଷ ସଭାପତି ତଥା ବରିଷ୍ଠ ଆଇନ ଜିବୀ ବିଜୟ ପଟ୍ଟନାୟକ ଓ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ଡି ଅରୁଣା, ଉର୍ମିଳା ପଣ୍ଡା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ । ଏଥି ସହିତ ଆୟୋଜିତ ଏକ ବନ୍ଧୁମିଳନ ସଭାରେ ରୋଟାରୀ ଗଭର୍ଣ୍ଣର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେବାମୂଳକ କାର୍ଯ୍ୟ ଅଧିକ କରିବା ଦିଗରେ ଅନ୍ତରିକତାର ସହ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଫୁଲବାଣୀ ରୋଟାରୀ କ୍ଲବ କୁ ନିଜେ ବ୍ୟକ୍ତିଗତ ଭାବେ ଯଥା ସମ୍ଭବ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କ୍ଲବ୍ ବରିଷ୍ଠ ସଦସ୍ୟ ରବୀ ସୁବୁଦ୍ଧି, ପଦ୍ମ ଚରଣ ସ୍ୱାଇଁ, ବି ଦେବେନ୍ଦ୍ର ପାତ୍ର, ଶରତ ସୁବୁଦ୍ଧି, ସର୍ବେଶ୍ୱର ମିଶ୍ର ହରିଶ୍ଚନ୍ଦ୍ର ମହାରଣା, ମନୋରଞ୍ଜନ ପଟ୍ଟନାୟକ, ସିମାଚଂଳ ବେହେରା, ନିଳମାଧବ ମିଶ୍ର,ସଦସ୍ୟା ସୁଭ୍ରା ପଟ୍ଟନାୟକ, ସୁନୀତା ନାୟକ ଓ ପରିବାର ସଦସ୍ୟ, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ ।

# ନିଟ ଦୁର୍ନୀତି ପ୍ରତିବାଦରେ ପ୍ରଦେଶ ଯୁବ କଂଗ୍ରେସର ବିକ୍ଷୋଭ: ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର, ୨୮/୦୬ (ନି.ପ୍ର): ନିଟ ପରୀକ୍ଷାରେ ଦୁର୍ନୀତି ଅଭିଯୋଗକୁ ନେଇ ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଆରମ୍ଭ ହୋଇଥିବା ଏକ ରାଲି ମାଷ୍ଟର କ୍ୟାଣ୍ଟିନ୍ ଦେଇ ବିଜେପି କାର୍ଯ୍ୟାଳୟ ଦିଗକୁ ଅଗ୍ରସର ହେଉଥିଲା। ଏହି ସମୟରେ ପୋଲିସ ରାଲିକୁ ବାରିକେଡ୍ ଲଗାଇ ରୋକିଥିଲା। ଯୁବ କଂଗ୍ରେସ କର୍ମୀମାନେ ବାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିବାରୁ ପୋଲିସ ସେମାନଙ୍କୁ ଅଟକାଇ ଭ୍ୟାନ୍‌ରେ ଉଠାଇ ନେଇଥିଲା। ଘଟଣାସ୍ଥଳରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ବିଜେପି ସରକାର ଅଧୀନରେ ଦେଶର ଶିକ୍ଷା ବ୍ୟବସ୍ଥା ଗଭୀର ସଙ୍କଟରେ ପଡ଼ିଛି। ନିଟ ପରୀକ୍ଷା ପରିଚାଳନାରେ ଅନିୟମିତତା ଓ ଦୁର୍ନୀତି ହୋଇଥିବାରୁ ଲକ୍ଷାଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ତେଣୁ ଶିକ୍ଷାମନ୍ତ୍ରୀଙ୍କ ଦାୟିତ୍ୱହୀନତାକୁ ନେଇ ସେ ଇସ୍ତଫା ଦାବି କରିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଟାରେ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟରେ ଛାତ୍ର ଓ ଅଭିଭାବକଙ୍କ ସମସ୍ୟା ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇଛି। ନିଟ ଓ ସିବିଏସଇ ପରୀକ୍ଷା ପରିଚାଳନାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘାଟ ଏବଂ ମୂଲ୍ୟାୟନ ତ୍ରୁଟି ଭଳି ଅଭିଯୋଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶାର ପାଠ୍ୟପୁସ୍ତକରେ ଥିବା ତ୍ରୁଟି ଏବଂ ଶିକ୍ଷା ବ୍ୟବସ୍ଥାର ଅବନତିକୁ ନେଇ ମଧ ଯୁବ କଂଗ୍ରେସ ଆପତ୍ତି ଜଣାଇଛି। ଶିକ୍ଷା ବ୍ୟବସ୍ଥାର ସୁଧାର ଏବଂ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଜିର ଆନ୍ଦୋଳନରେ ବହୁ ଯୁବ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

# ସୁଶିଳାପ୍ରଭା ସ୍ମୃତି ସମ୍ମାନ ୨୦୨୫-୨୬ ପ୍ରଦାନ ଉତ୍ସବ



ବାଲକାଟି , ୨୮/୦୬ (ନି.ପ୍ର): ୨୦୨୫ଏବଂ ୨୦୨୬ ମସିହା ନିମନ୍ତେ ଶିଶୁସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ବଂକିମ ଚନ୍ଦ୍ର ନାୟକ ଏବଂ ଶ୍ରୀମତୀ ତନୟା ଦାସଗୋସ୍ୱାମୀ ଙ୍କୁ ସୁଶୀଳାପ୍ରଭା ସ୍ମୃତିସମ୍ମାନ ପ୍ରଦାନ କରାଯାଇଛି । ବାଲକାଟୀ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଶିଶୁସାହିତ୍ୟିକ ବିଧୁଭୂଷଣ ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ପ୍ରଫେସର ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ରେଖା ଦାସ, ବୋଉ ଫାଉଂଡେସନର ପ୍ରତିଷ୍ଠାତା ଶ୍ରୀ ଅତିସ ମହାନ୍ତି, ସ୍ମୃତି କମିଟିର ଅଧକ୍ଷ ଡ. ରଜନୀ ରଞ୍ଜନ ଦାଶ ଓ ଆବାହକ ଡ. ମାଧବ ବେହୁରା ଅତିଥି ଭାବରେ ଯୋଗଦେଇ ଥିଲେ। ଅନ୍ୟାନ୍ୟଙ୍କ ମଧ୍ୟରେଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଅରୁଣ ଚନ୍ଦ୍ର ମହାନ୍ତି, କମଳିନୀ ମଲ୍ଲିକ,କବି ବିପିନ ମହାନ୍ତି, ପୂର୍ଣଚନ୍ଦ୍ର ମହାରଣା, ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ରଞ୍ଜନ ମହାପାତ୍ର ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ଅଭିମନ୍ୟୁ ନାୟକ,ସମ୍ବାଦ ସହସମ୍ପାଦକ ସୁରେଶ ସ୍ୱାଇଁ,ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ କଣ୍ଠଶିଳ୍ପୀ ଉଦିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିଛି ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ଭାଷଣ ଦେଇଥିଲେ ଶଙ୍କର ସାହୁ।କମିଟିର ଉପସଭାପତି ଯାମିନୀ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଦାବି: ଲଇକେରାରେ ବିଜେଡିର ଚାଷୀ ସମ୍ମିଳନୀ

ଝାରସୁଗୁଡ଼ା, ୨୮/୦୬ (ନି.ପ୍ର): ଝାରସୁଗୁଡା ଜିଲ୍ଲାର ଲଇକେରା ସ୍ଥିତ ସୁପର ମାର୍କେଟ ପରିସରରେ ଶନିବାର ବିଜୁ ଜନତା ଦଳ ପକ୍ଷରୁ ଚାଷୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଜେଡିର ବରିଷ୍ଠ ରାଜ୍ୟ ନେତା ସଞ୍ଜୟ ଦାସବର୍ମା, ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସମେତ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ଶୁଣିଥିଲେ। ଏହି ଅବସରରେ ସଞ୍ଜୟ ଦାସବର୍ମା କହିଥିଲେ ଯେ, ବିଜେଡିର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ଚାଷୀମାନଙ୍କ ସମସ୍ୟା ସଂଗ୍ରହ କରାଯାଉଛି । ଚାଷୀଙ୍କଠାରୁ ମିଳୁଥିବା ସମସ୍ତ ଅଭିଯୋଗ ଓ ଦାବିକୁ ଦଳର ରାଜ୍ୟ ନେତୃତ୍ୱଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ପରବର୍ତୀ ସମୟରେ ରାଜ୍ୟ ସରକାରଙ୍କ ନିକଟରେ ଏହାର ସମାଧାନ ପାଇଁ ଦାବି ଉଠାଯିବ। ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଥିଲେ ଯେ, ଲଇକେରା ଅଂଚଳର ଚାଷୀମାନଙ୍କ ସହ ଆଲୋଚନା ବେଳେ ସାରର ଅଭାବ, ବର୍ଦ୍ଧିତ ମୂଲ୍ୟ ଓ ନୂତନ ପଞ୍ଜୀକରଣ ବ୍ୟବସ୍ଥା ଯୋଗୁଁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ ସହ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଣ ନିଶ୍ଚିତ କରିବାକୁ ସରକାରଙ୍କ ହସ୍ତକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଚାଷୀଙ୍କ ଅଧିକାର ଓ ସ୍ୱାର୍ଥ ପ୍ରତି କୌଣସି ପ୍ରକାରର ଅବହେଳାକୁ ବିଜେଡି ସହ୍ୟ କରିବ ନାହିଁ। ବିଜୁ ଜନତା ଦଳ ସବୁବେଳେ ଚାଷୀଙ୍କ ସାଥୀ ଥିଲା, ଅଛି ଓ ଆଗାମୀ ଦିନରେ ମଧ ରହିବ। ଚାଷୀଙ୍କ ନ୍ୟାୟସଙ୍ଗତ ଅଧିକାର ପାଇଁ ଦଳର ସଂଗ୍ରାମ ଜାରି ରହିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ଯୁବ ନେତା ସଂଜିତ ମହାନ୍ତିଙ୍କ ସମେତ ଶତାଧିକ ଚାଷୀ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଏନଡ଼ିଆରଏଫ ତରଫରୁ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୮/୦୬ (ନି.ପ୍ର): ଏନଡିଆରଏଫ୍, ମୁଣ୍ଡଳୀ, କଟକର ୧୫ ଜଣିଆ ଦଳ, ଇନ୍ସପେକ୍ଟର ପି. କେ. ଯାଦବଙ୍କ ନେତୃତ୍ୱରେ ହବିଲଦାର ଶ୍ରୀକାନ୍ତ ଦାଶ, ଭି. ତୁଳସୀ ଦାସୁ, ସିଟି/ ଜିଡି ସତ୍ୟବ୍ରତ ସାହୁ, ସୁଭାନୁ ସାହୁ ଏବଂ ଆପଲା ରାଜୁଙ୍କ ସହଯୋଗରେ ବାଲିଆ ଅଂଚଳ ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳ ଏବଂ ବୋରିଗୁମା ଭିତର ବାଡ଼ି ଅଂଚଳ ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳ ରେ ଏକ ଫାମେକ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବାଲିଆ ଗ୍ରାମ ରେ ଜିପିଡିଓ ସୁଭାଷ ଚନ୍ଦ୍ର ଖିଲୋ, ପିଇଓ କମଲ ଲୋଚନ ପରଜା। ସେହିପରି ଭିତର ବାଡ଼ି ଗ୍ରାମରେ ତହସିଲଦାର ଶୋଭନ କୁମାର ବେହେରା, ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ଏସ ଡ଼ି ପି ଓ ଶ୍ରୀମତୀ ସ୍ୱାଗତିକା ଗୋପାଳ ଏବଂ ଗ୍ରାମବାସୀଙ୍କର ଉପସ୍ଥିତିରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ସଚେତନ କରାଯାଇଥିଲା।

# ବାଲେଶ୍ୱର ଜିଲ୍ଲାର ନିଖିଳ ଉତ୍କଳ ଶୁଣ୍ଡି ସମାଜ ରାଜ୍ୟସ୍ତରୀୟ ସାଧାରଣ ପରିଷଦ ସମ୍ମିଳନୀ ଓ ରକ୍ତଦାନ ଶିବିର



ବାଲେଶ୍ୱର , ୨୮/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନିଖିଳ ଉତ୍କଳ ଶୁଣ୍ଡି ସମାଜ ର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ସମ୍ମିଳନୀ ଓ ରକ୍ତଦାନ ଶିବିର ଉତ୍ତରାଞ୍ଚଳ ସଭାପତି ରାଜକିଶୋର ମଲ୍ଲିକ ଙ୍କ ସଭାପତିତ୍ୱରେ ନୂଆସାହି ସିଟିକ୍ଲିନିକ ଛକ ନିକଟସ୍ଥ ପ୍ରତିମା କଲ୍ୟାଣ ମଣ୍ଡପ ରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ବିକ୍ରମ କିଶୋର ସାହୁ ଯୋଗ ଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିର ଓ ରାଜ୍ୟ ସ୍ତରୀୟ ସମ୍ମିଳନୀ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ସମ୍ମାନୀୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଉଦୟ ନାଥ ସାହୁ , ସମ୍ମାନୀୟ ଅତିଥି ଭାବେ ରାଜ୍ୟ କୋଷାଧକ୍ଷ ଶରତ କୁମାର ସାହୁ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ଉଦଣ୍ଡ ଧର ଚୌଧୁରୀ , ରାଜ୍ୟ ମହିଳା ସଭାନେତ୍ରୀ ସୁନନ୍ଦା ଚୌଧୁରୀ , ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶରତ ମଣ୍ଡଳ , ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରୁଥିରାଜ୍ ବେହେରା , ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଦକ୍ଷିଣାଞ୍ଚଳ ସଭାପତି ନିର୍ମଳ ସାହୁ , ରାଜ୍ୟ କେନ୍ଦ୍ରାଞ୍ଚଳ ସଭାପତି ଅକ୍ଷୟ ସାହୁ , ପଶ୍ଚିମାଞ୍ଚଳ ସଭାପତି ଖଡିରନ୍ ବେହେରା ପ୍ରମୁଖ ସମ୍ମାନୀୟ ଅତିଥି ମଞ୍ଚରେ ଉପସ୍ଥିତ ଥିଲେ । ଏହି ସଭାକାର୍ଯ୍ୟକୁ ସମ୍ପାଦକ ପ୍ରଭାତ କୁମାର ସାହୁ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ଓଡ଼ିଶାର କଟକ , ପୁରୀ , ଗଞ୍ଜାମ , ଭୁବନେଶ୍ୱର , ଅନୁଗୁଳ , ସମ୍ବଲପୁର , ଏହି ପରି ୩୦ ଟି ଜିଲ୍ଲାରୁ ଶୁଣ୍ଡି ସମାଜ ଯୋଗଦେବା ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶୁଣ୍ଡି ସମାଜ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିକ୍ରମ କିଶୋର ସାହୁ ତାଙ୍କ ବକ୍ତବ୍ୟରେ ଶୁଣ୍ଡି ସମାଜ ଓଡ଼ିଶାରେ ଆଗକୁ ବଢିବ ଏକତା ବଜାଏ ରଖିବେ ଓ ଗରିବ ଦୂର ହେବ ଏହି ସମ୍ମିଳନୀରେ ଏହା ମୁଖ୍ୟ ଲକ୍ଷ ଓ ସରକାରଙ୍କୁ ସଚେତନ କରାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତାଙ୍କ ବକ୍ତବ୍ୟରେ କହିଥିଲେ ବାଲେଶ୍ୱର କଳା ସଂସ୍କୃତି ଓ ଫକୀର ମୋହନ ଙ୍କ ମାଟି ତେଣୁ ଏହି ସମ୍ମିଳନୀ ବାଲେଶ୍ୱର ଆୟୋଜନ ହେବା ଦ୍ୱାରା ଶୁଣ୍ଡି ସମାଜ ବାଲେଶ୍ୱର ଉନ୍ନତି ସଙ୍ଗେ ସଙ୍ଗେ ରାଜ୍ୟରେ ମଧ ଉନ୍ନତି ହେବ ବୋଲି କହିଥିଲେ। ଅନ୍ୟ ସମ୍ମାନୀୟ ଅତିଥି ମାନେ ଶୁଣ୍ଡି ସମାଜ ର ଏକତା ବଜାଏ ରଖିବା ଓ ପରସ୍ପରକୁ ଙ୍କୁ ସାହାଯ୍ୟ ସହାନୁଭୂତି ରଖିବା ଆବଶ୍ୟକ ବୋଲି କହିଥିଲେ। ଏଠାରେ ଆୟୋଜିତ ରକ୍ତ ଦାନ ଶିବିର ରେ ବହୁ ଲୋକ ରକ୍ତ ଦାନ କରିଥିଲେ । ଏବଂ ଯେଉଁ ମାନେ ରକ୍ତ ଦାନ କରିଥିଲେ ସେମାନଙ୍କୁ ମଞ୍ଚ ଉପରେ ଉତ୍ତରି ଫୁଲତୋଡା ଓ ସାର୍ଟିଫିକେଟ ଦେଇ ସମ୍ମାନିତ କରାଯାଇଥିଲା ଏହି ସମ୍ମିଳନୀ କୁ ଅନିରୁଦ୍ଧ ବେହେରା , ଶିଶିର କୁମାର ବେହେରା , ରାଜେନ୍ଦ୍ର ସାହୁ , ହରିଶ୍ଚନ୍ଦ୍ର ସାହୁ , ନିରଞ୍ଜନ ବେହେରା , ଜନରଞ୍ଜନ ମଣ୍ଡଳ , ପର୍ଶୁରାମ ବେହେରା , ରବି ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏମଏସଏମଇ କେବଳ ଉଦ୍ୟୋଗ ନୁହେଁ ବରଂ – ଆତ୍ମନିର୍ଭର ଭାରତର ନିର୍ମାତା: କେଭି ସିଂହଦେଓ

ଭୁବନେଶ୍ୱର, ୨୮/୦୬ (ନି.ପ୍ର): ବିଶ୍ୱ ଏମଏସଏମଇ ଦିବସରେ ଏମଏସଏମଇ କେବଳ ଉଦ୍ୟୋଗ ନୁହେଁ ବରଂ ଆତ୍ମନିର୍ଭର ଭାରତର ନିର୍ମାତା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ବିଶ୍ୱ ଏମଏସଏମଇ ଦିବସରେ, ଭାରତର ଅର୍ଥନୀତିର ମେରୁଦଣ୍ଡ ସ୍ୱରୂପ ଲକ୍ଷ ଲକ୍ଷ ଉଦ୍ୟୋଗୀ, କାରିଗର ଏବଂ ନବସୃଜନକାରୀଙ୍କ ଅଦମ୍ୟ ସାହସ, ଦୂରଦୃଷ୍ଟି ଓ ଅବଦାନକୁ ମୁଁ ହୃଦୟର ଗଭୀରତମ ସମ୍ମାନ ଜଣାଉଛି। ଆମର ଏମଏସଏମଇଗୁଡ଼ିକ କେବଳ ଉଦ୍ୟୋଗ ନୁହେଁ—ସେମାନେ ଆତ୍ମନିର୍ଭର ଭାରତର ନିର୍ମାତା, ନବସୃଜନର ପ୍ରେରଣାଶକ୍ତି ଏବଂ ସମାବେଶୀ ବିକାଶର ଜୀବନରେଖା। ସେମାନଙ୍କର ଏହି ଉଦ୍ୟମୀ ମନୋଭାବ ଓ ଅଦମ୍ୟ ସଂକଳ୍ପ ଆହୁରି ଏକ ସଶକ୍ତ, ସମୃଦ୍ଧ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗୀ ଭାରତ ଗଢ଼ିବାରେ ନିରନ୍ତର ପ୍ରେରଣା ଯୋଗାଉ।

# ପ୍ରବାସୀ ଭାରତୀୟ କଂଗ୍ରେସ ଓଡ଼ିଆ ସେଲର ପ୍ରଥମ କୋରଗ୍ରୁପ ବୈଠକ

ଭୁବନେଶ୍ୱର, ୨୮/୦୬ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ, ଓଡ଼ିଶା ପ୍ରଦେଶ କଂଗ୍ରେସର ଭାରତୀୟ ପ୍ରବାସୀ କଂଗ୍ରେସ/ଓସିଆଇ/ ଏନଆରଆଇ/ଏନଆରଓ ସେଲ୍ ଭୁବନେଶ୍ୱରରେ ପ୍ରଥମ ବୈଠକ ଆୟୋଜନ କରିଥିଲା । ଯାହା ପ୍ରବାସୀ ଭାରତୀୟ, ଏନଆରଓ ଏବଂ ଭାରତୀୟ ବଂଶୋଦ୍ଭବ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସ ବୈଠକରେ ତାଙ୍କ ଅଭିଭାଷଣରେ ଭାରତ ସମ୍ମୁଖୀନ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେ ସୂଚିତ କରିଥିଲେ ଯେ, ବର୍ତ୍ତମାନର ବିଶ୍ୱ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପରିସ୍ଥିତି ପ୍ରାୟ ସମସ୍ତ କ୍ଷେତ୍ରରେ ଏକ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ସେ କହିଛନ୍ତି ଯେ, ଭାରତ ଏହି ସମସ୍ତ ପ୍ରଭାବରୁ ପୃଥକ ନୁହେଁ ଏବଂ ଫଳସ୍ୱରୂପ, ଭାରତୀୟମାନେ ମୁଖ୍ୟତଃ ପ୍ରବାସୀ ଭାରତୀୟ ଏବଂ ବିଦେଶରେ ରହି କାମ କରୁଥିବା ଏନଆରଓମାନେ ସେମାନଙ୍କ ନିଜ ନିଜ ଦେଶରେ ଏବଂ ଭାରତରେ ସେମାନଙ୍କ ପରିବାରରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ଏହି ନୂତନ ସୃଷ୍ଟି ହୋଇଥିବା ଅସୁବିଧାର ସମାଧାନ ପାଇଁ ଆଲୋଚନା ଏବଂ ସମ୍ଭବ ସମାଧାନ ଖୋଜିବା ପାଇଁ ସେମାନଙ୍କ ନିଜ ନିଜ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହିତ ଏହି ବୈଠକ ଡକାଯାଇଥିଲା। ସେଲର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ ତାଙ୍କ ସ୍ୱାଗତ ଭାଷଣରେ ସୂଚାଇ ଦେଇଥିଲେ ଯେ, ସେଲର କର୍ତ୍ତବ୍ୟ ହେଉଛି ସେମାନେ ଦେଶର ଏବଂ ବିଶେଷକରି ଓଡ଼ିଶାରେ ଅଣ-ଆବାସିକ ଓଡ଼ିଆଙ୍କ ସ୍ୱାର୍ଥର ଯତ୍ନ ନେବା। ସେମାନେ ସମ୍ମୁଖୀନ ହେଉଥିବା ବିଷୟଗୁଡ଼ିକ ସୁରକ୍ଷା, ଭିସା, ସ୍ୱଦେଶ ପ୍ରତ୍ୟାବର୍ତ୍ତନ, ଭାରତ/ଓଡିଶାରେ ସେମାନଙ୍କ ପିଲାମାନଙ୍କ ପାଇଁ ଶିକ୍ଷା, ଘରେ ରହୁଥିବା ସେମାନଙ୍କ ପିତାମାତାଙ୍କ ସ୍ୱାସ୍ଥ୍ୟସେବା, ସାଧାରଣତଃ ଭାରତରେ ଏବଂ ବିଶେଷକରି ଓଡ଼ିଶାରେ ସେମାନଙ୍କର ଆର୍ଥିକ ଏବଂ ନିବେଶ ସ୍ୱାର୍ଥ ଇତ୍ୟାଦି ବିଷୟଗୁଡ଼ିକୁ କଭର କରିବ। ସଦସ୍ୟମାନେ ଓଡ଼ିଶା ପାଇଁ ଅନେକ ସମସ୍ୟା ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ବାଂଲାଦେଶୀ, ରୋହଙ୍ଗିଆ ଜନସଂଖ୍ୟାଙ୍କ ମାୟାନାମାରରୁ ଅବୈଧ ପ୍ରବେଶ ଏବଂ ବିଦେଶରେ ଓଡ଼ିଆ ସଂସ୍କୃତି ଏବଂ ଧାର୍ମିକ ବ୍ୟାପାର ଉପରେ ଆକ୍ରମଣ ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ପ୍ରସଙ୍ଗଗୁଡ଼ିକ ଉପରେ ସେମାନେ ସର୍ବସମ୍ମତିକ୍ରମେ କହିଥିଲେ ଯେ ଘଜଙ୍ଗ୍ସ ସେଲ୍ ସରକାରରେ ଉପଯୁକ୍ତ କର୍ତ୍ତୃପକ୍ଷ, ବିଭିନ୍ନ ଦେଶରେ ଆମର ବିଦେଶୀ ମିଶନ, ଭାରତରେ ବିଦେଶୀ ମିଶନ ଏବଂ ସମ୍ପୃକ୍ତ ସଂଘଗୁଡ଼ିକ ସହିତ ଆଲୋଚନା କରିବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ, ଶ୍ରୀ ହରିବନ୍ଧୁ ପାଢ଼ୀ, ଉପାଧକ୍ଷ ଏବଂ ସେଲର ସଂଯୋଜକ ଶ୍ରୀ ଗୋପାଳ ଖଣ୍ଡେଲୱାଲ, ପୂର୍ବତନ ବିଧାୟକ ଶ୍ରୀ ଗ୍ରେଗୋରୀ ମିଞ୍ଜ, ପୂର୍ବତନ ବିଧାୟକ ଶ୍ରୀ ରଞ୍ଜିତ ଭିତିରିଆ ସବଡେଗା, ବିଶିଷ୍ଟ ଆଇନଜୀବୀ ମହମ୍ମଦ ଜିଆଉଲ ହେଗ୍, ଟ୍ରେଡ୍ ୟୁନିଅନ୍ ନେତା, ସମାଜସେବୀ ଶ୍ରୀ ଅନିଲ ଧୀର, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଆଶିଷ ପାଲ, ଜ୍ଞାନେନ୍ଦ୍ର ପାନି, ଶୁଭଦୀପ ବ୍ରହ୍ମା ଏବଂ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ ଏବଂ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିଥିଲେ।

# ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ତମ ରାଜ୍ୟାଭିଷେକ ଉତ୍ସବ: ଓଡ଼ିଶାରେ ଆୟୋଜିତ ହେବ 'ଗଜପତି ଦିବସ'

ଭୁବନେଶ୍ୱର, ୨୮/୦୬ (ନି.ପ୍ର): ୨୯ ଜୁନ୍ ୧୪୩୫ ମସିହାରେ କୃତ୍ତିବାସ କଟକଠାରେ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜ୍ୟାଭିଷେକ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସାମ୍ରାଜ୍ୟ କାଶୀଠାରୁ ରାମେଶ୍ୱରମ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ଏହି ଗୌରବମୟ ଇତିହାସର ୬ ଶତାବ୍ଦୀ ପରେ, ଓଡ଼ିଶାର ସେହି ମହାନ ସୂର୍ଯ୍ୟବଂଶୀ ସାମ୍ରାଜ୍ୟର ପ୍ରତିଷ୍ଠାତା ଓ ତାଙ୍କର ବୀରତ୍ୱକୁ ମନେ ପକାଇବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁକୁଲ୍ୟରେ ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟ, ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆସନ୍ତା ୨୯ ଜୁନ୍ ୨୦୨୬ (ସୋମବାର) ପ୍ରାତଃ ୧୦ ଘଟିକା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍.କେ.ସି.ଜି. ପ୍ରେକ୍ଷାଳୟଠାରେ 'ଗଜପତି ଦିବସ ' ସମାରୋହ ଅନୁଷ୍ଠିତ ହେବ। ଏହି ଭବ୍ୟ ସମାରୋହରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିସହିତ ବିଶିଷ୍ଟ ଐତିହାସିକ ତଥା ହରିୟାଣା ସଂସ୍କୃତି ବୋର୍ଡର କୁଳପତି ପ୍ରଫେସର କୁଳଦୀପ୍ ଚନ୍ଦ୍ର ଅଗ୍ନିହୋତ୍ରୀ ବିଶିଷ୍ଟ ଅତିଥି ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବେ। ସମ୍ମାନିତ ଅତିଥି ଭାବେ କଟକର ସାଂସଦ ଭର୍ତ୍ତୃହରି ମହତାବ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ଟ୍ରଷ୍ଟି ସଦସ୍ୟ ପ୍ରଫେସର କିଶୋର କୁମାର ବାସା ଏବଂ କିଟ୍ ଆର୍ଟ ଏକାଡେମୀର ମହାନିର୍ଦ୍ଦେଶକ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଉପସ୍ଥିତ ରହିବେ। ଏହି ସମଗ୍ର କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଏବଂ ବିୟଣ୍ଡ ହେରିଟେଜ ଟ୍ରଷ୍ଟର ଅଧକ୍ଷ ଆର୍କିଟେକ୍ଟ ଶ୍ରୀ ସୁଭଜ ମହାନ୍ତି ମଧ ଗରିମାମୟ ଉପସ୍ଥିତି ପ୍ରଦାନ କରିବେ। ଏହି ତିନି ଘଣ୍ଟାର କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ "ସମର, ସମ୍ରାଟ, ଓ ସନାତନ: ଗଜପତି କପିଳେନ୍ଦ୍ର ଦେବ"ର ଉଦ୍ଘାଟନ ସହିତ ଆରମ୍ଭ ହେବ, ଯେଉଁଠାରେ ବିଭିନ୍ନ ମାନଚିତ୍ର, ଶିଳାଲେଖ ଏବଂ ପ୍ରତିକୃତି ମାଧ୍ୟମରେ ଗଜପତିଙ୍କ ବୀରତ୍ୱ ଓ ସାମ୍ରାଜ୍ୟ ବିସ୍ତାରର ଗାଥା ପ୍ରଦର୍ଶିତ କରାଯିବ। ଏହାପରେ ଗଜପତିଙ୍କ ଜୀବନୀ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଆନିମେଟେଡ୍ କ୍ଷୁଦ୍ର ଚଳଚ୍ଚିତ୍ର "ଲକ୍ଷେ ରଜାର ମଉଡ଼ମଣି: ଗଜପତିଙ୍କ ଗୌରବମୟ ଗାଥା" ଉନ୍ମୋଚନ କରାଯିବ, ଯାହା ଜାତୀୟ ସ୍ତରରେ ଓଡ଼ିଶାର ଏହି ମହାନ ଇତିହାସର ପ୍ରଚାର ପାଇଁ ମୁଖ୍ୟ ମାଧମ ସାଜିବ।କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରଥମ ଆଲୋଚନାଚକ୍ରରେ "ଓଡ଼ିଶାର ଗୌରବମୟ ଇତିହାସ ସନ୍ଦର୍ଭରେ ଗବେଷଣା ଏବଂ ଶିକ୍ଷାର ନବଜାଗରଣ" ବିଷୟବସ୍ତୁ ଉପରେ ସ୍ୱାଧୀନ ଗବେଷକ ଦୀପକ କୁମାର ନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ପ୍ରଫେସର କିଶୋର କୁମାର ବାସା ନିଜର ମତାମତ ଉପସ୍ଥାପନ କରିବେ। ସେହିପରି "ଆଂଚ ଳିକ ନାୟକରୁ ଜାତୀୟ ପ୍ରତୀକ" ଶୀର୍ଷକ ଦ୍ୱିତୀୟ ଆଲୋଚନାଚକ୍ରରେ ପ୍ରୋଗ୍ରାମ ମ୍ୟାନେଜର ସତ୍ୟଜିତ ଓଝା, ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ପ୍ରତିଷ୍ଠିତ କବି, ଲେଖକ ତଥା ସ୍ତମ୍ଭକାର ହରପ୍ରସାଦ ଦାସ ଏବଂ ପ୍ରମୁଖ ଆଲୋଚକ ଭାବେ ଅଂଶଗ୍ରହଣ କରିବେ। ଗଜପତି କପିଳେନ୍ଦ୍ର ଦେବ ମଧ୍ୟଯୁଗୀୟ ଭାରତର ସବୁଠାରୁ ଶକ୍ତିଶାଳୀ ତଥା ଅପରାଜେୟ ଯୋଦ୍ଧା, ସୁଶାସକ ଏବଂ ମହାପ୍ରଭୁ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ (ରାଉତ) ଥିଲେ। ଓଡ଼ିଶା ବାହାରେ ତାଙ୍କର ଏହି ମହାନତା ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି। ଏହି ପରିପ୍ରେକ୍ଷୀରେ 'ଗଜପତି ଦିବସ' କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ପ୍ରତିବର୍ଷ ଏହାକୁ ଆନୁଷ୍ଠାନିକ ଭାବେ ପାଳନ କରାଯିବ। ଏହି ଅବସରରେ ଓଡ଼ିଶାର ଇତିହାସ ଓ ଶିଳାଲେଖ ଉପରେ ଗବେଷଣା କରୁଥିବା ବିଦ୍ୱାନମାନଙ୍କୁ ପ୍ରତିବର୍ଷ ଏକ ସ୍ୱତନ୍ତ୍ର 'ଗବେଷଣା ପୁରସ୍କାର' ପ୍ରଦାନ କରାଯିବାର ଯୋଜନା ରହିଛି।

# ମାଲକାନଗିରି ବସଷ୍ଟାଣ୍ଡ ଶିଶୁ ଉଦ୍ୟାନରେ ଭୟାବହ ଅଗ୍ନିକାଣ୍ଡ: ୩ ଘଂଟାର ସଂଗ୍ରାମ ପରେ ନିଆଁ ଆୟତ୍ତ

ମାଲକାନଗିରି , ୨୮/୦୬ (ନି.ପ୍ର): ମାଲକାନଗିରି ସଦର ମହକୁମା ବସଷ୍ଟାଣ୍ଡ ପରିସରରେ ଥିବା ଶିଶୁ ଉଦ୍ୟାନରେ ଗତକାଲି ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଥିଲା। ଉଦ୍ୟାନ ଭିତରେ ରଖାଯାଇଥିବା କିଛି ପୁରୁଣା ଟାୟାରରେ ପ୍ରଥମେ ନିଆଁ ଲାଗିଥିବା ବେଳେ ଦେଖୁଦେଖୁ ତାହା ଭୟଙ୍କର ରୂପ ଧାରଣ କରି ସମଗ୍ର ପରିସରକୁ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ପାଇ ଜିଲ୍ଲା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ଦୀର୍ଘ ତିନି ଘଂଟା ଧରି ଉଦ୍ୟମ କରିବା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣାର ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସ ମଧ ପହଂଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରେ ବସଷ୍ଟାଣ୍ଡ ଅଂଚଳରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଓ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସୁରକ୍ଷିତ ସ୍ଥାନରେ କିଏ ଓ କାହିଁକି ଏତେ ପରିମାଣର ପୁରୁଣା ଟାୟାର ରଖିଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣା ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ସହ ବସଷ୍ଟାଣ୍ଡ ଅଂଚଳରେ ବଢୁଥିବା ଅସାମାଜିକ ଓ ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବାକୁ ସ୍ଥାନୀୟ ଲୋକେ ପୋଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଡକ୍ଟର ଲକ୍ଷ୍ମଣ ସାହୁ



# ଦେବସ୍ନାନ ମଣ୍ଡପରେ ଗଜାନନ ବେଶ

ଓଡ଼ିଆମାନଙ୍କ ଇଷ୍ଟ ଦେବତା ଶ୍ରୀଜଗନ୍ନାଥ। ଓଡିଶାର ଜନ ଜୀବନରେ ସେହିଁ କେବଳ ଓତଃପ୍ରୋତଭାବେ ଜଡ଼ିତ । 'ବାରମାସେ ତେର ଯାତ, ଦେଖୁଥିବି ଶ୍ରୀକ୍ଷେତ୍ରେ ହୋଇ ଭିକାରୀ'। ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ବିଭିନ୍ନ ପର୍ବପର୍ବାଣି ଓ ଯାତ୍ରାର ସାର୍ବଜନୀନ ପ୍ରତିରୂପର ସେହିଁ ହେଉଛନ୍ତି କେନ୍ଦ୍ର ବିନ୍ଦୁ, ମୂଳ ଆଧାର । ବହୁ ଦେବ ଦେବୀଙ୍କର ଆରାଧନା, ବିଭିନ୍ନ ଧର୍ମର ସ୍ରୋତ ପ୍ରଭାବିତ ସେ କେବଳ ସବୁର ମୂଳ ଉତ୍ସ, ଓଡ଼ିଆ ସଂସ୍କୃତିର ପ୍ରେରଣା ଦାତା ଓ ରକ୍ଷାକର୍ତ୍ତା। ଏହି କାରୁଣିକ ଜଗନ୍ନାଥଙ୍କ ଯାତ୍ରାମାନଙ୍କ ମଧ୍ୟରେ "ଦ୍ୱାଦଶ ଯାତ୍ରା" ଅଥାର୍ଥ ଦେବସ୍ନାନ ପୂର୍ଣ୍ଣମା ହେଉଛି ପ୍ରଧାନ । " ଲୋକନାଥ ବିଦ୍ୟାଧର 'ଙ୍କ ଭାଷାରେ:

"ସ୍ନାନ ଗୁଣ୍ଡିଚା ଶୟନ ଯାତ୍ରା ଅନ୍ତେ ଅୟନ,/ ପାରୁଣ ପରିବର୍ତନ ଉତ୍ଥାପନ ଓଢଣ/ ମକର, ଅଭିଷେକ, ଦୋଳ, ଦମନ, ଚନ୍ଦନ ଯେ ରୂପେ ଦ୍ୱାଦଶ ଉତ୍ସବ ଯେକେ ଯେକେ ସଂଘନ ।"

ଓଡ଼ିଆ ସାହିତ୍ୟରେ ବିଭିନ୍ନ ସୃଜନଶୀଳ ସାହିତ୍ୟିକଗଣ ନିଜର ଲେଖନୀ ଦ୍ୱାରା ଜଗନ୍ନାଥଙ୍କ ମହିମାକୁ ପ୍ରଭାବଶାଳୀ କରିଆସିଛନ୍ତି । କାରଣ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ଓଡ଼ିଶାର ଇଷ୍ଟ ଦେବତା ଭାବେ ପ୍ରତିଭାତ । ଓଡ଼ିଆମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର । ତାଙ୍କର ଦେଉଳ ବଡ଼ ଦେଉଳ, ତାଙ୍କର ଦାଣ୍ଡ ବଡ଼ ଦାଣ୍ଡ । ତାଙ୍କର ଭୋଗ ମହାପ୍ରସାଦ, ସିଂହାସନ ରତ୍ନସିଂହାସନ, ଦୀପ ମହାଦୀପ । ଏପରିକି ତାଙ୍କର ବାନା ପତିତପାବନ, ବାଲି ଶରଧା ବାଲି ।

ଓଡ଼ିଆ ଜନ ଜୀବନର ପ୍ରାଣ କେନ୍ଦ୍ର ଏହି ବଡ଼ ଠାକୁର । ସେହି ବଡ଼ଠାକୁରଙ୍କ ସ୍ନାନ ଯାତ୍ରା । ଜ୍ୟେଷ୍ଠ ପୂର୍ଣ୍ଣିମା ଶ୍ରୀମନ୍ଦିରର ପ୍ରସିଦ୍ଧ ପର୍ବ ବାସର । ଏହା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପବିତ୍ର ସ୍ନାନ ଯାତ୍ରା ପାଇଁ ପ୍ରଶସ୍ତ କ୍ଷେତ୍ର । ଓଡ଼ିଶାରେ ଜ୍ୟେଷ୍ଠପୂର୍ଣ୍ଣିମା ସ୍ନାନ ପୂର୍ଣ୍ଣିମା ଭାରତ ପଞ୍ଜିକାରେ ଉକ୍ତ ତିଥି ଦେବ ସ୍ନାନ ପୂର୍ଣ୍ଣିମା ଭାବରେ ପରିଚୟ ବହନ କରିଛି । ଏହି ସ୍ନାନ ସାଂଗକୁ ଜଗନ୍ନାଥଙ୍କର ମନଲୋଭା 'ଗଜାନନ ବେଶ'। ଜଗନ୍ନାଥସ୍ନାନ ଉତ୍ସବପରେ ଗୃହକୁ ଯାତ୍ରା କରନ୍ତି । ଦେବସ୍ନାନ ଉତ୍ସବ ସଂପର୍କରେ ଓଡ଼ିଶାର ପ୍ରଖ୍ୟାତ ଧର୍ମଗ୍ରନ୍ଥ ଗଦାଧର ପଦ୍ଧତିରେ ଯାତ୍ରା ଓ ତାର ପ୍ରଭାବ ଉଲ୍ଲେଖ ରହିଛି । ଏପରିକି ଜ୍ୟେଷ୍ଠ ପୂର୍ଣ୍ଣିମାକୁ 'ଶ୍ରୀଜଗନ୍ନାଥ ଦିବସ' ରୂପେ ଉଲ୍ଲେଖ ରହିଛି । ରୀତିନୀତି ଅନୁଯାୟୀ ଜଗନ୍ନାଥ , ବଳଭଦ୍ର, ସୁଭଦ୍ରା ସ୍ନାନ ବେଦୀ ଉପରକୁ ଆସନ୍ତି । ସୁନା କୂଅରୁ ୧୦୮ ଗରା ଜଳ ଅଣାଯାଇ ବିଧି ଅନୁସାରେ ଠାକୁରମାନଙ୍କୁ ସ୍ନାନ କରାଯାଏ । ତତ୍ପରେ ତିନି ଠାକୁରଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଏ ।

ପୁରାଣ ଅନୁସାରେ ସ୍ନାନ କରାଯାଏ । କହିବାକୁ ଗଲେ ସର୍ବସାଧାରଣରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତୀବେଶ ଖୁବ୍ ଲୋକପ୍ରିୟ । ପୁରୁଷୋତ୍ତମ ମହାତ୍ମ୍ୟ ସ୍କନ୍ଦ ପୁରାଣର ଅନ୍ୟତମ ବିଶିଷ୍ଟ ଅଂଶ । ବ୍ରହ୍ମ ପୁରାଣ ଓ ନାରଦ ପୁରାଣରେ ମଧ ଶ୍ରୀଜଗନ୍ନାଥଙ୍କ ସଂପୃକ୍ତ ପ୍ରସଂଗରେ ବିସ୍ତୃତ ବିବରଣୀ ରହିଛି । ବିଶେଷ କରି ପୁରୁଷୋତ୍ତମ ମହାତ୍ମ୍ୟରେ ତାଙ୍କର ସୁପ୍ରସିଦ୍ଧ ଦ୍ୱାଦଶ ଯାତ୍ରାର ପ୍ରସଂଗ ଉଲ୍ଲେଖ ରହିଛି । ପୁରୁଷୋତ୍ତମ ମହାତ୍ମ୍ୟ ଗ୍ରନ୍ଥରେ ସ୍ନାନ ପୂର୍ଣମୀ ଶ୍ରୀଜଗନ୍ନାଥଙ୍କ ଆର୍ବିଭାବର ଶୁଭ ମୁହୂର୍ତ୍ତରେ ଓ ସେହି ଅବସରରେ ତାଙ୍କର ପୂଣ୍ୟ ସ୍ନାନ ସମାପିତ ହେବା ଉଚିତ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କୁହାଯାଇଛି ।

ଶ୍ରୀହର୍ଷଙ୍କ ରଚିତ ନୈଷଧ ଚରିତରେ ଜଗନ୍ନାଥଙ୍କ ଏହି ସ୍ନାନ ଯାତ୍ରାର ସନ୍ଧାନ ମିଳେ। ଡଃ ଗୋପୀନାଥ ମହାପାତ୍ରଙ୍କ ନୈଷଧ ଚରିତରେ ଶ୍ରୀଜଗନ୍ନାଥଙ୍କ ମହିମା ଉଲ୍ଲେଖ ରହିଛି। ଦ୍ୱାଦଶ ଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥଙ୍କ ମହିମା ଓଡ଼ିଶା ବାହାରେ ପ୍ରଶସ୍ତି ଲାଭ କରିଥିଲା । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ରଚିତ ଜୀମୂତ ବାହାନଙ୍କ କାଳ ବିବେକରେ ସ୍ନାନ ପାଇଛି ଯେ, ଜ୍ୟେଷ୍ଠ ପୂର୍ଣମାରେ ଶ୍ରୀପୁରୁଷୋତ୍ତମ ବ୍ରତ ପାଳନ କଲେ ଓ ଦର୍ଶନ କଲେ ପୁଣ୍ୟଫଳ ମିଳେ । 'ଜଗନ୍ନାଥ ପ୍ରଭୁ ସ୍ନାହାନ ମଣ୍ତପରେ / ଲକ୍ଷେ ଯୋଡା ପାଣି ଢାଳନ୍ତି ମୁଖରେ ।'



ସେହିଭଳି ସ୍ନାନ ବେଦୀ ଉପରେ ଶ୍ରୀଜଗନ୍ନାଥଙ୍କର ଗଜାନନ ବେଶ ସମ୍ପର୍କରେ ଆଉ ଏକ ଚମତ୍କାର କୌତୁହଳ ପ୍ରଦ କିମ୍ବଦନ୍ତୀ ସଂଶ୍ଳିଷ୍ଟ ରହିଛି । ଶ୍ରୀଜଗନ୍ନାଥଙ୍କ ଅନ୍ତର୍ଯ୍ୟାମୀତ୍ୱ ବା ଭକ୍ତିର ମନ ଜାଣିବା ବିଶେଷତ୍ୱ ସେହି ପର୍ଣ୍ଣପତିଭଟ୍ଟ କିମ୍ବଦନ୍ତୀରେ ସ୍ପଷ୍ଟ । ଏପରିକି ଶ୍ରୀଜଗନ୍ନାଥଙ୍କୁ ସାର୍ବଭୌମ ଶକ୍ତିଧାରୀଭଗବାନ ରୂପେ ପ୍ରତିପାଦନ କରିବା ପାଇଁ କିମ୍ବଦନ୍ତୀଟି ବେଶ୍ ପରିକଳ୍ପିତ । ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ବେଶର ତାତ୍ପର୍ଯ୍ୟ ସଂପର୍କରେ ଅଧ୍ୟାପକ ମିଶ୍ର ଯେଉଁ ଭିନ୍ନ ଲୌକିକ କାରଣଟି ଉପସ୍ଥାପନା କରିଛନ୍ତି, ମନେହୁଏ ତାହା ଅନେକାଂଶରେ ଅବଧାରଣୀୟ । ଦାରୁବିଗ୍ରହଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଜଳ ସ୍ନାନ ବା ଅଭିଷିକ୍ତ କରାଇବା ପରେ ଜଳଧୌତ ଅସୁନ୍ଦର ଦିଶୁଥିବା ଚିତ୍ରିତ ବିଗ୍ରହଙ୍କୁ ଯେଭଳି, ଏକ ଦର୍ଶନୀୟ ମନମୁଗ୍ଧକର ବେଶରେ ବିମଣ୍ଡିତ କରାଯାଇଛି, ତାହାହିଁ ହୁଏତ ଗଜାନନ ବା ହସ୍ତୀବେଶ । ଡକ୍ଟର ମହତାବ ଜଗନ୍ନାଥଙ୍କ ସ୍ନାନ ଉତ୍ସବକୁ ବୌଦ୍ଧ ଚେତନା ରୂପେ ଦର୍ଶାଇଛନ୍ତି ।

ତାଙ୍କ ଦୃଷ୍ଟିରେ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ବେଶ୍ ସମସ୍ତଙ୍କୁ ଆକୃଷ୍ଟ କରେ । ପୂର୍ଣ୍ଣିମାର ପ୍ରଭାତ କାଳରେ ବିଗ୍ରହମାନଙ୍କୁ ପାରମ୍ପାରିକ ରୀତିରେ ମହାସମାରୋହ ସ୍ନାନ ମଞ୍ଚକୁ ଅଣାଯାଏ । ଯାହାକୁ ପହଣ୍ଡି କହିନ୍ତି । ଏହି ପହଣ୍ଡି ବିଜେ ଦୁଇ ପ୍ରକାର ଯଥା ଧାଡ଼ି ପହଣ୍ଡି ଓ ଅନ୍ୟଟି ଗୋଟି ପହଣ୍ଡି । ଧାଡ଼ି ପହଣ୍ଡିରେ ଦେବତାମାନେ ଜଣକ ପରେ ଜଣେ ଏକତ୍ର ବିଜେ ହେଉଥିବା ବେଳେ, ଗୋଟି ପହଣ୍ଡିରେ ଗୋଟିଏ ଦେବତା ଯଥା ସ୍ଥାନରେ ପହଞ୍ଚିବା ପରେ ଅନ୍ୟ ଦେବଦେବୀଙ୍କୁ ତାଙ୍କ ତାଙ୍କ ସ୍ଥାନରୁ ଅଣାଯାଏ । ସେମାନଙ୍କୁ ବହୁବିଧଉପଚାର ମିଶ୍ରିତ ନିର୍ଦ୍ଧାରିତ କୂପଜଳରେ ସ୍ନାନ କରାଯାଏ । ତା'ପରେ ବେଶ ବିନ୍ୟାସରେ ପ୍ରଭୁଙ୍କ ନିକଟରେ ଯଥା ବିଧି ଉପାସନା, ହୋମ, ନୈବେଦ୍ୟାଦି କରାଯାଏ ।

ରାତିର ବିଳମ୍ବିତ ପ୍ରହରରେ ତିନିଠାକୁରଙ୍କ ସାମ୍ବତ୍ସରିକ କୃତ୍ୟ ଏକାଦି କ୍ରମେ ଲିପି ରହେ । ହଜାର ହଜାର ସଂଖ୍ୟାରେ ଦର୍ଶକ ଦର୍ଶନ କରିବାର ସୁଯୋଗ ପାଆନ୍ତି । ସେ ଷାଠିଏ ପଉଟି ନୈବେଦ୍ୟ ଗ୍ରାହୀ, ଅବର୍ଣ୍ଣନୀୟ ସେବା ପୂଜାର ଅଧିକାରୀ, ଅସାଧାରଣ ଶକ୍ତିର ପ୍ରତୀକ । ତେଣୁ ସେହି ଅଲୌକିକ ଦେବ ବିଗ୍ରହଙ୍କୁ ଦର୍ଶନ କରିବା ଭକ୍ତ ହୃଦୟର ଏକ ଅବାରିତ ଆକାଂକ୍ଷା, ସାଧରଣ ସକଳ ନରନାରୀ ପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭିଥାନ୍ତି । ଗୁହାରୀ ଶୁଣିବା ପାଇଁ ଦୁଃଖୀ ଦୁଃଖ ମୋଚନ କରିବା ପାଇଁ ତଥା ପାପୀ ପାପ ପ୍ରକ୍ଷାଳନ ପାଇଁ ପ୍ରତ୍ୟକ୍ଷ ଦର୍ଶନ ଦେବାଦୃଷ୍ଟିରୁ କରୁଣାମୟ ଭକ୍ତ ଭାବଗ୍ରହୀ ପ୍ରଭୁଙ୍କର ଏହା ଏକ ମନୋରମ ଯାତ୍ରା । ମନେହୁଏ ରଥଯାତ୍ରାର ହୁଏତ ଏହା ଏକ ପ୍ରାକ୍ ପର୍ବ । ଏସବୁ ସତ୍ତ୍ୱେ ସ୍ନାନ ଯାତ୍ରାରେ ଆର୍ଯ୍ୟେତର ଉପଚାର ଓ ଶବର ସଂସ୍କୃତିର ନିଦର୍ଶନ ବୋଲି କଦାପି ଅସ୍ୱୀକାର କରିହେବ ନାହିଁ ।

ଶ୍ରୀଜଗନ୍ନାଥ ହେଉଛନ୍ତି କାଳରୂପୀ ଦେବତା । ବିଶେଷ କରି ପ୍ରାଚୀନ ସମ୍ମୁଖୀ ସମୟର କାଳକୁ ସେ ଦମନ କରି ନବୀନ ଶୁଭଙ୍କର ସମୟ କାଳର ସଂକେତ ଭାବେ ସ୍ନାନ ପୂର୍ଣ୍ଣିମାରେ ଆର୍ବିଭୂତ ହୋଇଛନ୍ତି । ସେହି ଦୃଷ୍ଟିରୁ ବର୍ଷା ଋତୁର ସମ୍ବତ୍ସର ଗଣନା ରୀତିରେ ବା ବର୍ଷାର ବର୍ଷ ହିସାବ ଧାରାରେ ଜଗନ୍ନାଥଙ୍କୁ ଏଠାରେ ଜଗନ୍ନାଥଙ୍କୁ ସଂଶ୍ଳିଷ୍ଟ କରାଯାଇଥିବା ଗବେଷକମାନଙ୍କ ମତ । ସେ ନବ ବର୍ଷର ବା ନୂତନ କାଳର ଦ୍ୟୋତକ ରୂପେ ସ୍ନାନ ଉତ୍ସବରେ ଅଧିଷ୍ଠିତ । ଏପରିକି ତାଙ୍କର ସ୍ନାନ ଯାତ୍ରା ପ୍ରାଚୀନର ବିଦାୟ ଓ ନବୀନର ଆଗମନୀ ସୂଚକର ପ୍ରତୀକ ପର୍ବ ବୋଲି ଧରାଯାଏ । ତେଣୁ ଜଗନ୍ନାଥ କାଳ, ଜଗନ୍ନାଥ ସମ୍ବତ୍ସର ବା ଦେବ କାଳର ସଂକେତିକ ପର୍ବ ହେଉଛି ସ୍ନାନ ଯାତ୍ରା ବା ସ୍ନାନ ପର୍ବ ।

ଆମ ଦେଶରେ ବର୍ଷା ଋତୁରୁ ବର୍ଷ ଗଣଣା ରୀତିରେ ଜଗନ୍ନାଥଙ୍କୁ ସଂଶ୍ଳିଷ୍ଟ କରାଯାଉଛି । ସେ ନବ ବର୍ଷ କାଳର ଦ୍ୟୋତକ । ଏହି ବର୍ଷ ଶବ୍ଦର ବ୍ୟୁତ୍ପତ୍ତି କ୍ରମରେ ବର୍ଷାର ତାତ୍ପର୍ଯ୍ୟ ନିହିତ । ତେଣୁ ଉତ୍କଳୀୟ ପରମ୍ପରାରେ ଏପରି ଅନୁସରଣ ଆଦୌ ବିଚିତ୍ର ନୁହେଁ । ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ସ୍ନାନ ଉତ୍ସବରେ ଜଗନ୍ନାଥଙ୍କ ଗଜାନନ ବେଶ ହିନ୍ଦୁ ପରଂପରାର ସ୍ମାରକୀ । ପଞ୍ଚୋପସାନା ରୀତିରେ ଶ୍ରୀଗଣେଶ ସକଳ ମାଙ୍ଗଳିକ କୃତ୍ୟ ଓ ଉପାସନା ବିଧିର ଅଗ୍ରଦେବ ଭାବେ ପୂଜିତ । ସେ ବିଘ୍ନ ବିନାଶକ । ସେଭଳି ସାମ୍ବତ୍ସାରିକ ଉତ୍ସବ ଆରମ୍ଭରେ ଜଗନ୍ନାଥ ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଭାବେ ଗଜାନନ ବେଶ ଧାରଣା କରିବା ସ୍ୱଭାବିକ ମନେହୁଏ । ଆଚାର୍ଯ୍ୟ ଯୋଗେଶ ଚନ୍ଦ୍ରଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ଯାତ୍ରା ସୌର ମଣ୍ଡଳୀୟ ଚେତନା ସଂଭୂତ ଲୌକିକ ଉତ୍ସବର ନିଦର୍ଶନ।

ଏହାର ପୃଷ୍ଠ ଭୂମିରେ ମହାବିଷୁବ ଚେତନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ ଆକାଶରେ ସ୍ୱର୍ଗ ଗଙ୍ଗାର ଆବିର୍ଭାବ ହେଲେ ଜଗନ୍ନାଥଙ୍କ ସ୍ନାନ ଉତ୍ସବ ଆରମ୍ଭ ହୁଏ । ତେଣୁ ଲୋକକଥାନୁସାରେ ଦେବତାଙ୍କ ବିଷ୍ଣୁ ଗଙ୍ଗା, ସ୍ୱର୍ଗଗଙ୍ଗା ସ୍ନାନର ପରିଚୟ ପ୍ରଦାନ କରେ । ବାସ୍ତବରେ ଜ୍ୟେଷ୍ଠ ପୂର୍ଣ୍ଣିମା ଯଦି ପ୍ରାଚୀନ ଓ ନବୀନ ସମ୍ବତ୍ସର ସନ୍ଧିକ୍ଷଣ ହୁଏ, ତେବେ ପବିତ୍ର ସ୍ନାନ ଓ ଦେବାରଧନା ସେହି ରୀତିରେ ବିଗତ ବର୍ଷର ଅଶୁଭ ଅମଙ୍ଗଳ ଓ ପାପ ରାଶି ଖଣ୍ଡନକାରୀ । ପ୍ରକାରନ୍ତରେ ନବାଗତ ପାଇଁ ତାହା ଶୁଭଙ୍କର ହୁଏ ।


ପାରମ୍ପରିକ ରୀତିରେ ଜଗନ୍ନାଥ ହେଉଛନ୍ତି ସାର୍ବଜନୀନ ସ୍ୱୀକୃତି ମଙ୍ଗଳମୟ ଓ ପୂଣ୍ୟ ପ୍ରଦାନକାରୀ । ଅନୁରୂପ ଲୌକିକ ଚେତନା ଜଗନ୍ନାଥଙ୍କୁ ସ୍ପର୍ଶ କରିବା ବିଚିତ୍ର ନୁହେଁ । କାରଣ ଜଗନ୍ନାଥ ମଧ୍ୟଜନତାର ପ୍ରତିନିଧି । ସେ ଉଭୟ ଦେବତା ଓ ମାନ୍ୟ । ଯୋଗେଶ ଚନ୍ଦ୍ର ନିର୍ଦ୍ଧାରଣ କରିଛନ୍ତି ଜ୍ୟେଷ୍ଠ ମାସର ଶୁକ୍ଲ ଦଶମୀ ଶାସ୍ତ୍ର ପୃଷ୍ଠାରେ ଦଶହରା ବା ଗଂଗା ଦଶହରା ପର୍ବର ପରିଚୟ ବହନ କରିଥାଏ । ଭାରତୀୟ ଲୋକ ପରମ୍ପରାରେ ଏହା ଅନୁସୃତ ହୁଏ । ଦଶମୀ ଠାରୁ ବିଷୁବ ପରି ନବବର୍ଷରେ ପଶିଲେ ଜ୍ୟେଷ୍ଠ ପୂର୍ଣ୍ଣମା ହେଉଛି ଷଷ୍ଠ ଦିବସ । ଫଳରେ ବର୍ଷା ଆରମ୍ଭରେ ଷଷ୍ଠୀ ପୂଜା ପାଇଁ ଶୁଭ ଅନୁକୂଳ ।

ଓଡ଼ିଶାର କେତେକ ସ୍ଥାନରେ ଜ୍ୟେଷ୍ଠ ପୂର୍ଣମାରେ ପିଲାମାନଙ୍କ ପାଇଁ ନବବର୍ଷ ପାଳନରେ ନୂତନ ପୋଷାକ ପିନ୍ଧାଇ ପିଠା ପଣା କରାଯାଇ ସେମାନଙ୍କୁ ଖାଇବାକୁ ଦିଆଯାଏ । ଠାକୁରଙ୍କ ଭୋଗ ଲଗାଯାଏ । ଏହା ହୁଏତ ମାର୍ଗଶୀର ମାସରେ ପାଳିତ ପ୍ରଥମାଷ୍ଟମୀ ପୂର୍ବ ଅନୁଛ ପର୍ବ, ସେଦିନ ପିଲାମାନଙ୍କ ପ୍ରତିରକ୍ଷା କୃତ୍ୟ ଆଚରିତ ହୋଇ ସେମାନଙ୍କୁ ନବବସ୍ତ୍ର ଭୂଷଣ ମଣ୍ଡିତ କରାଯାଏ । ସ୍ୱତନ୍ତ୍ର ସୁସ୍ୱାଦୁ ଖାଦ୍ୟ ଦ୍ରବ୍ୟ ଷଷ୍ଠୀ ଦେବୀଙ୍କୁ ନୈବେଦ୍ୟ ରୂପେ ଅର୍ପିତ ହୋଇ ପିଲାମାନଙ୍କୁ ଦିଆଯାଏ । ଏପରିକି ବିଭିନ୍ନ ସ୍ଥାନରେ ଜ୍ୟେଷ୍ଠ-ପୂର୍ଣ୍ଣମୀରେ ନବବର୍ଷପରି ପରମ୍ପରା ଦେଖିବାକୁ ମିଳେ । ପରିବାରରେ ପିଠା ପଣା ଭୋଜିଭାତ ହୁଏ, ସମସ୍ତେ ନୂଆ ଲୁଗା ପରିଧାନ କରିଥାନ୍ତି । ସକଳେ ଦେବତାଙ୍କୁ ପୂଜା ଆରାଧନା କରନ୍ତି । ସମ୍ଭବତଃ ଶାସ୍ତ୍ରୀୟ ମତରେ ଏକ ମାନବ ସମାଜରୁ ଦେବତା ସ୍ତରରୁ ସଂପ୍ରସାରିତ ହୋଇ ଉତ୍କଳୀୟ ଶ୍ରୀଜଗନ୍ନାଥଙ୍କ ସ୍ନାନ ପର୍ବ ଦେବସ୍ନାନ ଯାତ୍ରାରେ ରୂପାନ୍ତରିତ ହୋଇଅଛି ।

ବାସ୍ତବରେ ନିଷ୍କର୍ଷରେ କେବଳ ଏତିକି କୁହାଯାଇପାରେ ଦେବସ୍ନାନ ପରେ ସ୍ନାନ ମଣ୍ଡପରେ ତିନି ଠାକୁରଙ୍କ ଗଜାନନ ବେଶ ବେଶ୍ ଜନାଦୃତ ଭକ୍ତ ହୃଦୟର ଭକ୍ତି ଭାବନାର ନୈବେଦ୍ୟ ଉତ୍ସ ଧାରଣରେ କବି ତ୍ରିଲୋଚନ ଦାସ ଉଲ୍ଲେଖ କରିଛନ୍ତି - ' ଗଭର ସଂନ୍ଦର ହାଥୁଣୀ ଉପମା ନାହିଁ / ଗଭର ଆଗରେ ଧଳା ହାଥୀ ଚଳଇ / ଗେଲେ କାଳିଆ ହାଥୀ ଗିରି ଶିଖୁ ଲେଉଟି/ ଗହଣେ ସୁନ୍ଦର ହାଥୀ ଗୁପତ ସେଟି'...!!!

+ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫ ୧୪୭୫

# ଶ୍ରୀଜଗନ୍ନାଥଙ୍କ ସ୍ନାନ ଯାତ୍ରା ଓ ଗଣପତି ଭଟ୍ଟ



ଭୋଳାନାଥ ସାହୁ



ଶ୍ରୀଜଗନ୍ନାଥ ମହାପ୍ରଭୁ ଦାରୁ ଦେବତା ଭାବରେ ବିଶ୍ୱ ବିଦିତ । ସେ ଦାରୁ ବ୍ରହ୍ମ, ସେ ସଚିଦାନନ୍ଦ । ସେ ନୀତିକାନ୍ତିର ଦେବତା । ତାଙ୍କର ସେବା ନିମନ୍ତେ ପ୍ରତ୍ୟହ ୮୮ ପ୍ରକାରର ସେବାୟତ ଓ ସର୍ବମୋଟ ୧୨୦ ପ୍ରକାରର ସେବାୟତ ନିୟୋଜିତ । ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହେବା ପରେ ସ୍ୱୟଂ ମହାପ୍ରଭୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀତିକାନ୍ତି ସମ୍ପର୍କରେ ବିଷଦ ବର୍ଣ୍ଣନା କରିଥିଲେ । ଯାହା ସ୍କନ୍ଧ ପୁରାଣ, ନୀଳାଦ୍ରି ମହୋଦୟ, ବ୍ରହ୍ମପୁରାଣ, ବାମଦେବସଂହିତା, ଶ୍ରୀମନ୍ଦିର ସତ୍ୱଲିପି ପ୍ରଭୃତିରେ ବର୍ଣ୍ଣିତ ।

ଶ୍ରୀମନ୍ଦିରର ଲୀଳା ଅବର୍ଣ୍ଣନୀୟ । ପାଦ ନଥାଇ ସେ ଗତିଶୀଳ, ପାପୁଲି ନଥାଇ ସେ ଯୋଦ୍ଧା, କାନ ନଥାଇ ସେ ସର୍ବଶ୍ରୋତା, ଆଖିର ପଲକ ନଥାଇ ସେ ସର୍ବଦ୍ରଷ୍ଟା । ନିଜ ଗୁଣରେ ଗୁଣି ସେ ଭକ୍ତ ମାନଙ୍କୁ ଆକୃଷ୍ଟ କରନ୍ତି । ସେ ସ୍ରଷ୍ଟା, ସେ ସୃଷ୍ଟି, ସେ ସ୍ଥିତି, ସେ ଗତି, ସେ ମୁକ୍ତି ଓ ସେ ଶାନ୍ତି । ଯାହାଙ୍କ ସମ୍ମୁଖରେ ସର୍ବେନ୍ଦ୍ରିୟ ସୁପ୍ତ । ଯାହାଙ୍କ ପ୍ରକାଶ୍ୟରେ 'ମୁଁକାର' ବିଲୀନ । ଯିଏ ମଣିଷ ପରି ଖାଦ୍ୟ ଖାଆନ୍ତି, ନିଦ୍ରା ଯାଆନ୍ତି, ସ୍ନାନ ମଧ କରନ୍ତି । ୬୦ ପଉଟି ଅନ୍ନ, ୫୬ ଭୋଗ, ପହୁଡ଼ ପଡ଼ିଲେ ନିଦ୍ରା ଓ ପ୍ରତିଦିନର ମନ୍ତ୍ର ସ୍ନାନ ବା ଦର୍ପଣ ସ୍ନାନ ପ୍ରଭୃତି ଏହାର ଦୃଷ୍ଟାନ୍ତ । ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ ପାଳିତ ହୁଏ । ମହାପ୍ରଭୁଙ୍କ ୧୨ଟି ମୁଖ୍ୟ ଯାତ୍ରା ଓ ୪୭ଟି ପର୍ବ ପର୍ବାଣୀ ମଧ୍ୟରୁ 'ସ୍ନାନ ଯାତ୍ରା' ସର୍ବପ୍ରଥମ ଯାତ୍ରା । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ଏହି ଯାତ୍ରା ଅନୁଷ୍ଠିତ ହୁଏ । ଏହି ଦିବସକୁ ଶ୍ରୀଜଗନ୍ନାଥଙ୍କ 'ଜନ୍ମଦିନ' କୁହାଯାଏ । ପରିବାରରେ ସନ୍ତାନଟିଏ ଜନ୍ମ ହେଲେ ତାକୁ ଯେପରି ଅଣତୁଠ ଜଳ ମିଶ୍ରଣ କରି ଗାଧୋଇ ଦେବାର ପରମ୍ପରା ରହିଛି । କାରଣ ଏହାଦ୍ୱାରା ଶିଶୁ ଉପରେ ଦୁଷ୍ଟ ଶକ୍ତିର ପ୍ରଭାବ ପଡ଼େ ନାହିଁ । ସେହି ନ୍ୟାୟରେ ଜଗନ୍ନାଥ ମହାପ୍ରଭୁ ଦାରୁବ୍ରହ୍ମ ରୂପ ନେବା ପରେ ଇନ୍ଦ୍ରଦ୍ୟୁମ୍ନ ରାଜା କାଠରେ ମଂଚା ବାନ୍ଧି ସ୍ନାନ କରାଇଥିଲେ । ତେଣୁ ଏହି ଉତ୍ସବକୁ 'ମଂଚସ୍ନାନ ଉତ୍ସବ' କୁହାଯାଏ । ଏହି ପ୍ରକ୍ରିୟାକୁ ଅନୁସରଣ କରି ସ୍ନାନ ମଣ୍ଡପ ପ୍ରତିଷ୍ଠା ହେବା ପରେ ଏହି ଯାତ୍ରା ପାଳିତ ହୋଇ ଆସୁଅଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହାକୁ 'ପତିତ ପାବନ ଯାତ୍ରା' କୁହାଯାଏ । ଏହା ଶ୍ରୀଜଗନ୍ନାଥଙ୍କର ଆଦ୍ୟ ଲୀଳା । ଦ୍ୱାପର ଯୁଗର ଗୋପାଙ୍ଗନା ଓ ଶ୍ରୀକୃଷ୍ଣଙ୍କର ଉକ୍ତି ପ୍ରତ୍ୟୁକ୍ତିରୁ ସ୍ନାନ ଯାତ୍ରାର ମହାତ୍ମ୍ୟ ସମ୍ପର୍କରେ ଅନୁଭବ କରିହୁଏ । ଆସନ୍ତୁ ଜାଣିବା -

ଆମ ସ୍ନାନ ତୁମେ ଦେଖିଲ
ଲୁଚି କଦମ୍ବ ଡ଼ାଳେ
ତୁମ ସ୍ନାନ ଆମ୍ଭେ ଦେଖିବୁ
ସାରା ଜଗତ ମେଳେ ।
ତଥାସ୍ତୁ ବୋଲିକି ଗୋପୀଙ୍କୁ
ପ୍ରଭୁ ଅଛନ୍ତି କହି
ଜଗତ ଜନଙ୍କ ଆଗରେ
ସ୍ନାନ କରନ୍ତି ସାଇଁ ।

ବାସ୍ତବରେ ମହାପ୍ରଭୁଙ୍କର ଏହି ସ୍ନାନ ଯାତ୍ରା ପାଇଁ ଚତୁର୍ଦ୍ଦଶୀ ତିଥିରୁ ଅଧିବାସ କର୍ମ ସମ୍ପାଦିତ ହୁଏ । ଦୟଣାମାଳି ସେବକ ଶ୍ରୀମନ୍ଦିର ଉତର ଦ୍ୱାର ସମ୍ମୁଖରେ ଥିବା ସୁନା କୂଅକୁ ଓଝାଳି ଥାଆନ୍ତି ଓ ପୂଜା ପଣ୍ଡା କୂପସଂସ୍କାର କରିଥାନ୍ତି । ସୁନାଗୋସ୍ୱାମୀ ସୁନା କୂଅରୁ ଜଳ ଉତୋଳନ କରନ୍ତି ଓ ମୁଦିରସ୍ତ ପ୍ରଥମଗରା ଜଳ ଆଣି ଆନନ୍ଦବଜାରସ୍ଥିତ ଚାହାଣି ମଣ୍ଡପ ନିକଟ ଅଧିବାସ ଗୃହରେ ରଖନ୍ତି । ଏହାପରେ ସୁନାଗୋସ୍ୱାମୀ ତିନିଗୋଟି ଜଳପୂର୍ଣ୍ଣ ଗରାକୁ ନେଇ ଅଧିବାସ ଗୃହରେ ସ୍ଥାପନ କରନ୍ତି । ପରେ ପରେ ଗରାବଡ୍ଡୁ ସେବକଙ୍କ ଦ୍ୱାରା ୧୦୮ଗରା ଜଳ ଅଧିବାସ ଗୃହକୁ ଅଣାଯାଇଥାଏ । ଗରାବଡ୍ଡୁ ସେବକ ମାନେ ୧୩ଗୋଟି ସୁଗନ୍ଧିତ ପଦାର୍ଥ ଯଥା- ଅଶ୍ୱଗନ୍ଧା, କୃଷ୍ଣ-ଅଗୁରୁ, ଉଶୀର, ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକି, ସଂଚିଷ୍ଟା, ତାମ୍ରପର୍ଣ୍ଣି, ସୋମପର୍ଣ୍ଣି, ଲୋଧା ପ୍ରଭୃତିକୁ ୧୦୮ ଗରା ଜଳ ସହିତ ମିଶ୍ରିତ କରି ପବିତ୍ର କରନ୍ତି । ପ୍ରତ୍ୟେକ କଳସ ଉପରେ ଖଣ୍ଡିଏ ଆମ୍ବଡ଼ାଳ, ଗୋଟିଏ ନାରିକେଳ ଓ ଖଣ୍ଡିଏ ଆଚ୍ଛାଦନ ବସ୍ତ୍ର ଦେଇ ରଖାଯାଏ । ଏହାପରେ ଅଧିବାସ ଗୃହକୁ ମୁଦ ଦିଆଯାଏ ।

ଜ୍ୟେଷ୍ଠମାସ ପୂର୍ଣ୍ଣମୀ ତିଥିରେ ଆରମ୍ଭହୁଏ ମହାପ୍ରଭୁଙ୍କ ସ୍ନାନଯାତ୍ରା । ବଡ଼ିଭୋରରୁ ଶ୍ରୀଜୀଉ ମାନଙ୍କର ନିଦ୍ରାଭଙ୍ଗ କରାଇ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ପତିମହାପାତ୍ର ସୁଭଦ୍ରାଙ୍କ ବାଡ଼ରେ ଓ ମୁଦିରସ୍ତ ବଳଭଦ୍ରଙ୍କ ବାଡ଼ରେ ମଙ୍ଗଳାର୍ପଣ କରନ୍ତି । ଏହି ସମୟରେ କେବଳ ନୀତି ସମ୍ପନ୍ନ ସେବକ ଓ ଅଧିକାରୀ ଭିତର କାଠ ପାଖରେ ରହିଥାନ୍ତି । ମାତ୍ର କୌଣସି ଦର୍ଶନାର୍ଥୀ ରହିପାରିବେ ନାହିଁ । ମଙ୍ଗଳାର୍ପଣ ପରେ ଶ୍ରୀଜୀଉ ମାନଙ୍କର ଶ୍ରୀଅଙ୍ଗରେ ପାଟଡ଼ୋର ଲାଗିହୁଏ ଓ ଠାକୁରଙ୍କୁ କଷ୍ଟ ନହେବା ପାଇଁ ସେନାପଟାରେ ଧାଡ଼ିପହଣ୍ଡି ପୂର୍ବକ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ନିଆଯାଏ । ପ୍ରଥମେ ସୁଦର୍ଶନ ମହାପ୍ରଭୁ ଓ ପରେ ପରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପହଣ୍ଡିରେ ନେଇ ସ୍ନାନ ମଣ୍ଡପରେ ଆସୀନ କରାଯାଏ । ଏହି ପହଣ୍ଡି କାର୍ଯ୍ୟକୁ ଦଇତା ସେବକ ମାନେ ପରିଚାଳନା କରିଥାନ୍ତି । ମାତ୍ର ମଦନମୋହନଙ୍କୁ ମହାଜନ ସେବକ ନେଇଥାଆନ୍ତି । ସମଗ୍ର ଶ୍ରୀମନ୍ଦିର ପରିବେଶ ଘଂଟ, ଘଂଟା, କାହାଳୀ, ଆଲଟ, ଚାମର ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥାଏ । ପହଣ୍ଡିଯାତ୍ରା ସମୟରେ ପୂର୍ବରୁ ରାଘବଦାସ ମଠରୁ ପ୍ରସ୍ତୁତ ହୋଇ ଆସିଥିବା ଟାହିଆ ଓ ଚୂଳ ସବୁକୁ ସାତ ପାହାଚ ନିକଟରେ ଶ୍ରୀଜୀଉ ମାନଙ୍କୁ ଲାଗି କରାଯାଏ । ସ୍ନାନ ମଣ୍ଡପରେ ଶ୍ରୀଜୀଉ ମାନଙ୍କର ରୁଦ୍ଧା କାର୍ଯ୍ୟ ସମ୍ପନ୍ନ କରାଯାଇ ମଙ୍ଗଳ ଆଳତି ଓ ମଇଲମ କରାଯାଏ । ମଇଲମ ପରେ ଜଳଛେକ ପୂଜା କରିବା ପାଇଁ ପାଣି ପଡ଼ି ସ୍ନାନ ମଣ୍ଡପ ଖୁଂଟରେ ଟେରା ବାନ୍ଧିଥାଆନ୍ତି । ସ୍ନାନ ମଣ୍ଡପ ଶୁଦ୍ଧ ହେବା ପରେ ପାଳିଆପ୍ରତିହାରୀ ଅଧିବାସ ଗୃହକୁ ଯାଇ ଜଳପୂର୍ଣ୍ଣ ଗରାଗୁଡ଼ିକୁ ଆଣିବା ପାଇଁ ସୂଚନା ଦେଇଥାଆନ୍ତି । ଏହାପରେ ଗରାବଡ୍ଡୁ ସେବକ ମାନେ ଘଂଟ, ଘଂଟା, ଭେରି, ତୁରୀ, କାହାଳୀ, ସଂକୀର୍ତନ ଓ ଜୟଜଗନ୍ନାଥ ଧ୍ୱନି ପୂର୍ବକ ଜଳପୂର୍ଣ୍ଣ ଗରା ଗୁଡ଼ିକୁ ଆଣି ଧାଡ଼ି ଧାଡ଼ି କରି ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ୩୫ ଗରା, ବଳଭଦ୍ରଙ୍କ ସମ୍ମୁଖରେ ୩୩ ଗରା, ସୁଭଦ୍ରାଙ୍କ ସମ୍ମୁଖରେ ୨୨ ଗରା ଓ ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ୧୮ ଗରା ଜଳ ସ୍ଥାପନ କରନ୍ତି । ମୁକ୍ତ ଭାବରେ ମନ୍ତ୍ରଧ୍ୱନିରେ ଶ୍ରୀଜୀଉ ମାନଙ୍କୁ ସ୍ନାନ କରାଯାଏ । ଏହାକୁ 'ପ୍ରତ୍ୟକ୍ଷ ଅବକାଶ' କୁହାଯାଏ । ଏହାପରେ ଶ୍ରୀଜୀଉଙ୍କ ଅଙ୍ଗକୁ ପୋଛାପୋଛି କରି ମଇଲମ କରାଯାଏ । ଚତୁର୍ଦ୍ଧାମୂର୍ତିଙ୍କ ପୂଜା ଉପଚାର ଶେଷ ହେବା ପରେ ଛେରାପହଂରା କାର୍ଯ୍ୟ ସଂପାଦିତ ହୁଏ । ସ୍ନାନ ଯାତ୍ରାରେ ଚତୁର୍ଦ୍ଧା ମୂର୍ତିଙ୍କ ମୁଖ୍ୟ ଆକର୍ଷଣ ତାଙ୍କର ବହୁଚର୍ଚ୍ଚିତ ଗଜାନନ ବେଶ । ଏହିବେଶରେ ସଜ୍ଜିତ ହେବା ପରେ ସାହାଣମେଲା ବ୍ୟବସ୍ଥା କରାଯାଏ । ଚତୁର୍ଦ୍ଧାମୂର୍ତିଙ୍କ ପହଣ୍ଡି ଓ ଗଜାନନ ବେଶ ଦେଖିବା ପାଇଁ ସ୍ୱତନ୍ତ୍ର ଟିକଟ ବ୍ୟବସ୍ଥା ରହିଛି । ଯେଉଁ ଭକ୍ତଗଣ ଟିକଟ କରିଥାନ୍ତି ସେମାନେ ଆନନ୍ଦବଜାର, କୀର୍ତନଚକଡ଼ା ଓ ଗାରଦ ପଛପାଖରେ କଠୋର ବ୍ୟାରିକେଡ଼ ମଧ୍ୟରେ ଛିଡ଼ା ହୋଇ ଦର୍ଶନ ସୁବିଧା ଉପଭୋଗ କରନ୍ତି । ଏହା ସହିତ ସିଂହଦ୍ୱାର ସମ୍ମୁଖରେ ମଧ ଛିଡ଼ା ହୋଇ ଶ୍ରୀଜୀଉ ମାନଙ୍କର ସ୍ନାନ ଓ ଗଜାନନବେଶ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି ଶ୍ରୀଜୀଉ ମାନଙ୍କର ଏହି ସ୍ନାନ ଯାତ୍ରା ଦେଖିଲେ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ମିଳିଥାଏ । ଶ୍ରଦ୍ଧାଳୁ ମାନେ ବୈକୁଣ୍ଠ ଯାତ୍ରା କରିଥାନ୍ତି । ବିଶ୍ୱାସ ମଧ ରହିଛି ପୂର୍ବରୁ ଦେବତା ମାନେ ଆଶୀର୍ବାଦ ଦେବା ପାଇଁ ସ୍ନାନ ମଣ୍ଡପରେ ବିଜେ କରିଥାନ୍ତି ।

ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତି ସ୍ନାନ କରିବା ପରେ ଗଜାନନ ବେଶରେ ସୁସଜ୍ଜିତ ହୋଇଥାନ୍ତି । ଏହାର ପଶ୍ଚାତରେ ଏକ କିମ୍ବଦନ୍ତୀ ରହିଛି । ପଂଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟରୁ ଗଣପତି ଭଟ୍ଟ ନାମକ ଜନୈକ ବ୍ୟକ୍ତି ଶ୍ରୀକ୍ଷେତ୍ରର ମହିମା ବିଷୟରେ ଶ୍ରବଣକରି ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଥିଲେ । ସେ ଥିଲେ ଗଣପତି ଭକ୍ତ । ସେ ମହାପ୍ରଭୁଙ୍କ ଦର୍ଶନକାଳରେ ଜଗନ୍ନାଥଙ୍କ ଠାରେ ଗଣପତିଙ୍କୁ ଦେଖିନପାରି ତାଙ୍କୁ ପରଂବ୍ରହ୍ମ ବୋଲି ମାନିବାକୁ ପ୍ରସ୍ତୁତନଥିଲେ । ସେ କ୍ଷୁବ୍ଧ ହୋଇ ଶ୍ରୀମନ୍ଦିର ଛାଡ଼ିଲେ । ବାଟରେ ଯାଉ ଯାଉ ବଡ଼ପଣ୍ଡାଙ୍କୁ ଶୂନ୍ୟବାଣୀ ହେବାରୁ ତାଙ୍କ ନିର୍ଦ୍ଦେଶରେ ଗଣପତି ଭଟ୍ଟ ଫେରିଆସିଲେ । ମହାପ୍ରଭୁଙ୍କ ନିର୍ଦ୍ଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ଶ୍ରୀମନ୍ଦିର ଆସିବା ପାଇଁ ନିମନ୍ତ୍ରଣ କଲେ । ସେହି ପବିତ୍ର ଦିନଟି ଜ୍ୟେଷ୍ଠମାସ ପୂର୍ଣ୍ଣମୀ ଥିଲା । ଶ୍ରୀଜଗନ୍ନାଥ ଗଣପତି ଭଟ୍ଟଙ୍କ ସମ୍ମୁଖରେ କଳାଗଣେଶ ଓ ବଳଭଦ୍ର ଧଳାଗଣେଶ ରୂପରେ ଦର୍ଶନ ଦେଲେ । ଗଣପତି ଭଟ୍ଟ ଏହା ଦର୍ଶନ କରିବା ପରେ ତାଙ୍କର ଜଗନ୍ନାଥଙ୍କ ପ୍ରତି ପ୍ରକୃତ ଜ୍ଞାନ ଉଦୟ ହେଲା ଓ ସେ ପ୍ରଭୁଙ୍କୁ କ୍ଷମା ଭିକ୍ଷା କଲେ । ଗଣପତି ଭଟ୍ଟଙ୍କ ପ୍ରାର୍ଥନାରେ ଶ୍ରୀଜଗନ୍ନାଥ ସନ୍ତୁଷ୍ଟ ହୋଇ ତାଙ୍କୁ ବରଦେଲେ - "ମୁଁ ପ୍ରତିବର୍ଷ ଏହି ଦିନରେ ଗଜାନନ ବେଶ ଧାରଣ କରିବି ।" ଗଣପତି ଭଟ୍ଟଙ୍କ ସ୍ମାରକୀ ସ୍ୱରୂପ ଏହିବେଶ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାଗତ ହୋଇ ରହିଛି ।

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

## ଦେବସ୍ନାନ ଯାତ...

ରାମଚନ୍ଦ୍ର ବେହେରା



ଦେବସ୍ନାନ ଯାତ ଶୁଭ ଆଗମନେ
ହସୁଛି ଶିରୀମନ୍ଦିର
ଚତୁର୍ଦ୍ଧା ମୂର୍ତ୍ତିଂକ ଦିବ୍ୟ ସ୍ନାନ ବିଧି
ବାଣ୍ଟିବ ଖୁସି ଅପାର।

ପ୍ରଭୁ ଜଗନ୍ନାଥ ଭ୍ରାତା ବଳଭଦ୍ର
ଗେହ୍ଲି ଭଉଣୀକୁ ନେଇ
ପ୍ରଭୁ ସୁଦର୍ଶନ ବିଧି ଅନୁରୂପ
ସିନାନ କରିବେ ଯାଇ।

ଏକ ଶତ ଆଠ କଳସୀ ଜଳରେ
ଗାଧୋଇବେ ପ୍ରଭୁ ବସି
ସ୍ନାନ ବିଧି ପରେ ଗଜାନନ ବେଶେ
ଆଶିଷ ଢାଳିବେ ହସି।

ଏହି ଦିବସଟି କଳା ସାଆନ୍ତଂକ
ଶାସ୍ତ୍ର କୁହେ ଜନ୍ମଦିନ
ସ୍ନାନ ମଣ୍ଡପରେ ପ୍ରଭୁଂକ ଦର୍ଶନ
ଦେଇଥାଏ କୋଟି ପୂଣ୍ୟ।

ସ୍ନାନ ବିଧି ଅନ୍ତେ ଚତୁର୍ଦ୍ଧା ମୂରତି
ଜ୍ୱରରେ ହୋଇ ପୀଡିତ
ଅଣସରେ ଘରେ ବିଶ୍ରାମ କରିବେ
ବ୍ୟାକୁଳ ହୋଇବେ ଭକ୍ତ।

ବିଶ୍ରାମ କାଳରେ ଅଲାରନାଥଂକୁ
ଦର୍ଶନ କରିବେ ଜନେ
ବିଶ୍ୱାସ ରହିଛି ଏ ଦିବ୍ୟ ଦର୍ଶନେ
କୋଟି କୋଟି ପୂଣ୍ୟ ମିଳେ।

ସୁସ୍ଥ ହେବା ପରେ ପୂଣ୍ୟ ବଡଦାଣ୍ଡେ
ବୁଲିବେ ମୂରଲୀଧର
ରଥାରୂଢ ହୋଇ ଭ୍ରାତା ଭଗ୍ନୀ ସହ
ଯିବେ ଶ୍ରୀଗୁଣ୍ଡିଚା ଘର।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୬୭୩୪୩୪୬

# ଭାରତୀୟ ରାଜନୀତିରେ ସାଂସ୍ଥାନିକ ଦୁର୍ନୀତିର ନୂଆ ଯୁଗ

ଭାରତୀୟ ରାଜନୀତିରେ ଗୋଟିଏ ସମୟ ଥିଲା ଯେତେବେଳେ କୌଣସି ଛୋଟ ଦୁର୍ନୀତି କିମ୍ବା ଅନିୟମିତତାର ଅଭିଯୋଗ ଆସିଲେ ସରକାର ଦୋହଲି ଯାଉଥିଲା । ମନ୍ତ୍ରୀମାନଙ୍କୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ପଡୁଥିଲା ଏବଂ ସଂସଦରେ ବିରୋଧୀ ଦଳର ପ୍ରଶ୍ନବାଣରେ ଶାସକ ଦଳ ନାକେଦମ୍ ହେଉଥିଲା । ଉପା (UPA) ସରକାର ସମୟରେ ଟୁ-ଜି (2G) ସ୍ପେକ୍ଟ୍ରମ୍ କିମ୍ବା କୋଇଲା ଖଣି ଆବଣ୍ଟନ କେଳେଙ୍କାରୀ ଭଳି ଘଟଣା ଏହାର ଜ୍ୱଳନ୍ତ ଉଦାହରଣ, ଯାହା ତତ୍କାଳୀନ ସରକାରଙ୍କ ପତନର ମୁଖ୍ୟ କାରଣ ସାଜିଥିଲା । କିନ୍ତୁ ବର୍ତ୍ତମାନର ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ବିଭିନ୍ନ ରାଜ୍ୟରେ ଥିବା ବିଜେପି ସରକାରଙ୍କ କ୍ଷେତ୍ରରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ସାମ୍ପ୍ରତିକ ସମୟରେ ଏକାଧିକ ବଡ଼ ଧରଣର ଦୁର୍ନୀତି, ଆର୍ଥିକ ଅନିୟମିତତା ଏବଂ କ୍ଷମତାର ଅପବ୍ୟବହାରର ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଥିଲେ ମଧ୍ୟ ସରକାରଙ୍କ ଉପରେ ଏହାର କୌଣସି ନକାରାତ୍ମକ ରାଜନୈତିକ ପ୍ରଭାବ ପଡୁଥିବା ଦେଖାଯାଉ ନାହିଁ । ଶାସକ ଦଳ ନିଜକୁ ଏପରି ଏକ ଅଭେଦ୍ୟ ଦୁର୍ଗ ମଧ୍ୟରେ ସୁରକ୍ଷିତ ରଖିପାରିଛି ଯେ, ଗଣତନ୍ତ୍ରର ମୂଳଦୁଆ କୁହାଯାଉଥିବା ଉତ୍ତରଦାୟିତ୍ୱ ବା ଆକାଉଣ୍ଟେବିଲିଟି ଏବେ ଏକ ଅର୍ଥହୀନ ଶବ୍ଦରେ ପରିଣତ ହୋଇଛି । ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଥରେ କହିଥିଲେ ଯେ ସେମାନଙ୍କ ସରକାରରେ କେହି ଇସ୍ତଫା ଦିଅନ୍ତି ନାହିଁ । ଏହି ଗୋଟିଏ ବାକ୍ୟ ବର୍ତ୍ତମାନର ସରକାରଙ୍କ ଅହଂକାର ଏବଂ ଦୁର୍ନୀତି ପ୍ରତି ଥିବା ଉଦାସୀନତାର ସ୍ପଷ୍ଟ ପ୍ରମାଣ ଦେଉଛି ।

ନିକଟରେ ଘଟିଥିବା କିଛି ପ୍ରମୁଖ ଘଟଣା ଏହି ଦାବିକୁ ଅଧିକ ସ୍ପଷ୍ଟ କରୁଛି । ପ୍ରଥମଟି ହେଉଛି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ପରିବାର ସହ ଜଡ଼ିତ ବ୍ୟାପକ ଜମି କେଳେଙ୍କାରୀ । ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ଏକ ବିସ୍ତୃତ ଅନୁସନ୍ଧାନମୂଳକ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ପରିବାର ସଦସ୍ୟ ଏବଂ ସେମାନଙ୍କ ସହ ଜଡ଼ିତ କମ୍ପାନୀଗୁଡ଼ିକ ଉଜ୍ଜୈନ ଏବଂ ଏହାର ଆଖପାଖ ଅଞ୍ଚଳରେ ଡିସେମ୍ବର ୨୦୨୩ ପରଠାରୁ ପ୍ରାୟ ୧୬୮ ଏକର ଜମି ୪୫ କୋଟି ଟଙ୍କାରେ କିଣିଥିଲେ । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଜମି କିଣାଯିବାର ଠିକ୍ ପରେ ସରକାରଙ୍କ ପକ୍ଷରୁ ଉଜ୍ଜୈନ ମାଷ୍ଟର ପ୍ଲାନ୍ ୨୦୩୫ ଅଧୀନରେ ସେହି ଅଞ୍ଚଳରେ ନୂତନ ରାସ୍ତା, ରିଙ୍ଗ୍ ରୋଡ୍ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ଘୋଷଣା କରାଯାଇଥିଲା । ଏହା ଫଳରେ ସେହି ଜମିଗୁଡ଼ିକର ମୂଲ୍ୟ ପ୍ରାୟ ଚାରି ଗୁଣ ବୃଦ୍ଧି ପାଇଥିଲା । ଏହା ସିଧାସଳଖ ଭାବେ କ୍ଷମତାର ଅପବ୍ୟବହାର, ଭିତିରିଆ ତଥ୍ୟର ଉପଯୋଗ (Insider Trading) ଏବଂ ସ୍ୱାର୍ଥର ସଂଘାତର ଏକ ନିଚ୍ଛକ ଉଦାହରଣ । ତଥାପି, ଏତେ ବଡ଼ ଖୁଲାସା ପରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ଜୋର ଧରିପାରିଲା ନାହିଁ କିମ୍ବା କେନ୍ଦ୍ର ନେତୃତ୍ୱ ଏହା ଉପରେ କୌଣସି କଠୋର ଆଭିମୁଖ୍ୟ ଗ୍ରହଣ କଲେ ନାହିଁ । ବରଂ ସରକାରୀ କଳ ଏବଂ ସମର୍ଥକମାନେ ଏହି ଦୁର୍ନୀତିକୁ ଘୋଡ଼ାଇବା ପାଇଁ ସାମାଜିକ ଗଣମାଧ୍ୟମରେ ପ୍ରତିରକ୍ଷାତ୍ମକ ଯୁକ୍ତି ବାଢ଼ିବାରେ ଲାଗିପଡ଼ିଲେ ।

ଦ୍ୱିତୀୟ ବଡ଼ ଘଟଣାଟି ହେଉଛି ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ ପାଣ୍ଠିରୁ ଅର୍ଥ ହଡ଼ପ ଅଭିଯୋଗ, ଯାହାକି ଶାସକ ଦଳର ହିନ୍ଦୁତ୍ୱ ଆଦର୍ଶ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଜେପିର ରାଜନୈତିକ ଉତ୍ଥାନ ପଛରେ ରାମ ମନ୍ଦିର ଆନ୍ଦୋଳନର ଏକ ପ୍ରମୁଖ ଭୂମିକା ରହିଛି । କିନ୍ତୁ ନିକଟରେ ସାମ୍ନାକୁ ଆସିଥିବା ତଥ୍ୟ ଅନୁଯାୟୀ, ରାମ ମନ୍ଦିର ନିର୍ମାଣ ପାଇଁ ସାଧାରଣ ଜନତା ଦେଇଥିବା ଦାନ ଅର୍ଥରୁ ବ୍ୟାପକ ହେରଫେର ହୋଇଛି । ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (SIT) ର ପ୍ରାଥମିକ ରିପୋର୍ଟ ଆଧାରରେ ୮ ଜଣଙ୍କୁ ଗିରଫ କରାଯାଇଛି ଏବଂ ଅଭିଯୋଗ ରହିଛି ଯେ ପ୍ରାୟ ୨୦୦ କୋଟି ଟଙ୍କାର ଅର୍ଥ ଆତ୍ମସାତ୍ କରାଯାଇଛି । ଏହି ବିବାଦ ଘନୀଭୂତ ହେବା ପରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆରଏସଏସ (RSS) ନେତା ଚମ୍ପତ ରାୟ ଏବଂ ଅନ୍ୟତମ ଟ୍ରଷ୍ଟି ଅନିଲ ମିଶ୍ର ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି । ଧର୍ମ ଏବଂ ଆସ୍ଥାର ନାମରେ କ୍ଷମତାସୀନ ଥିବା ଏକ ସରକାର ପାଇଁ ଏହା ଏକ ବିରାଟ ନୈତିକ ସଙ୍କଟ ହେବା କଥା । କିନ୍ତୁ ଉତ୍ତରପ୍ରଦେଶର ଯୋଗୀ ସରକାର ହେଉ କିମ୍ବା କେନ୍ଦ୍ରର ମୋଦୀ ସରକାର, କେହି ବି ଏହି ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରସଙ୍ଗକୁ ଚାପିଦେବା ପାଇଁ ଉଦ୍ୟମ କରୁଥିବା ସ୍ପଷ୍ଟ ବାରି ହୋଇପଡୁଛି । ଅପରାଧିକ ମାମଲାରେ ତୁରନ୍ତ ଏଫଆଇଆର (FIR) ରୁଜୁ ହେବା ପରିବର୍ତ୍ତେ ପ୍ରଥମେ ଏକ କ୍ଷମତାହୀନ ଏସ୍‌ଆଇଟି ଗଠନ କରିବା ଏବଂ ପରେ ଚମ୍ପତ ରାୟଙ୍କୁ ସମ୍ମାନଜନକ ବିଦାୟ ଦେବା ସରକାରଙ୍କ ଦୋହରା ନୀତିକୁ ପଦାରେ ପକାଉଛି । ଏହି ଦୁର୍ନୀତିଗୁଡ଼ିକ କେବଳ ରାଜ୍ୟ ସ୍ତରରେ ବା ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସୀମିତ ନୁହେଁ । ଜାତୀୟ ସ୍ତରରେ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ତଥ୍ୟରୁ ମଧ୍ୟ ସରକାରଙ୍କ ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନ ଉଠିଛି । ଫେବୃଆରୀ ୨୦୨୪ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅସାମ୍ବିଧାନିକ ଘୋଷିତ ହୋଇଥିବା ନିର୍ବାଚନୀ ବଣ୍ଡ୍ (Electoral Bonds) ତଥ୍ୟ ଏହାର ଏକ ଜ୍ୱଳନ୍ତ ଉଦାହରଣ । ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ, ରାଜନୈତିକ ଦଳଗୁଡ଼ିକୁ ମିଳିଥିବା ମୋଟ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥରୁ କ୍ଷମତାସୀନ ବିଜେପିକୁ ସର୍ବାଧିକ ଅର୍ଥ ମିଳିଛି, ଯାହାକି ଅନ୍ୟ ସମସ୍ତ ବିରୋଧୀ ଦଳଙ୍କ ମିଳିତ ଅର୍ଥ ଠାରୁ ମଧ୍ୟ ଅଧିକ । ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (MEIL) ଭଳି କମ୍ପାନୀ ବିଜେପିକୁ ୫୮୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ଦେଇଛନ୍ତି । ଏହି ବିପୁଳ ପରିମାଣର ରାଜନୈତିକ ପାଣ୍ଠି ସଂଗ୍ରହ ସରକାରୀ ଠିକା, ଇଡି (ED) ଏବଂ ସିବିଆଇ (CBI) ଭଳି ସଂସ୍ଥାର ଭୟ ଦେଖାଇ ଆଦାୟ କରାଯାଇଥିବା ନେଇ ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କରିଛନ୍ତି । ଏହା ଏକ ପ୍ରକାରର ସାଂସ୍ଥାନିକ ଦୁର୍ନୀତି (Institutional Corruption), ଯେଉଁଠାରେ ନୀତିଗତ ନିଷ୍ପତ୍ତିଗୁଡ଼ିକୁ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ପରିଚାଳିତ କରାଯାଉଛି ।

ଅନ୍ୟପକ୍ଷରେ, ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (CAG) ଙ୍କ ରିପୋର୍ଟ ମଧ୍ୟ ଭିତ୍ତିଭୂମି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଏବଂ ଅହେତୁକ ଅର୍ଥ ବ୍ୟୟ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଭାରତମାଳା ପରିଯୋଜନା ଫେଜ୍-୧ ଅଧୀନରେ ନିର୍ମିତ ଦ୍ୱାରକା ଏକ୍ସପ୍ରେସୱେର ଉଦାହରଣ ନିଆଯାଉ । କ୍ୟାବିନେଟ୍ କମିଟି (CCEA) ପ୍ରତି କିଲୋମିଟର ପିଛା ୧୮.୨୦ କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ପ୍ରକୃତରେ ଏହା ପ୍ରତି କିଲୋମିଟର ୨୫୦.୭୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଏହା ଅନୁମୋଦିତ ଖର୍ଚ୍ଚ ଠାରୁ ପ୍ରାୟ ୧୪ ଗୁଣ ଅଧିକ । ଜାତୀୟ ରାଜପଥ ପ୍ରାଧିକରଣ (NHAI) ଏହାକୁ ଏକ ୮ ଲେନ୍ ବିଶିଷ୍ଟ ଏଲିଭେଟେଡ୍ କରିଡର ବୋଲି ଯୁକ୍ତି ଦର୍ଶାଇଥିଲେ ମଧ୍ୟ ସିଏଜି ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି ଯେ ଟ୍ରାଫିକ୍ ଚାପ ଦୃଷ୍ଟିରୁ ଏତେ ବଡ଼ ଏବଂ ବ୍ୟୟବହୁଳ ପ୍ରକଳ୍ପର କୌଣସି ଯଥାର୍ଥତା ନଥିଲା । ଏହାବ୍ୟତୀତ, ନିକଟରେ ଘଟିଥିବା ନିଟ୍ (NEET) ପ୍ରଶ୍ନପତ୍ର ଲିକ୍ ଏବଂ ସିବିଏସ୍‌ଇ (CBSE) ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି । ଶିକ୍ଷା ବ୍ୟବସ୍ଥାରେ ଏତେ ବଡ଼ ବିଫଳତା ସତ୍ତ୍ୱେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ସରକାର ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦେଇଛନ୍ତି ।

ଏଭଳି ପରିସ୍ଥିତି ସୃଷ୍ଟି ହେବାର ପ୍ରମୁଖ କାରଣ ହେଉଛି ଦେଶର ଗଣମାଧ୍ୟମ ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଦୁର୍ବଳ ସ୍ଥିତି ଏବଂ ସରକାରଙ୍କ ପ୍ରତି ସେମାନଙ୍କର ଆନୁଗତ୍ୟ । ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭ କୁହାଯାଏ, ଯାହାର ମୁଖ୍ୟ କାମ ହେଉଛି ସରକାରଙ୍କ ଭୁଲ୍ ନିଷ୍ପତ୍ତିକୁ କଠୋର ସମାଲୋଚନା କରିବା ଏବଂ ଜନସାଧାରଣଙ୍କ ସମ୍ମୁଖରେ ନିରପେକ୍ଷ ସତ୍ୟ ରଖିବା । ମନମୋହନ ସିଂହଙ୍କ ସରକାର ସମୟରେ ଗଣମାଧ୍ୟମ ଯେଉଁଭଳି ଆକ୍ରମଣାତ୍ମକ ଢଙ୍ଗରେ ଦୁର୍ନୀତିର ପର୍ଦ୍ଦାଫାଶ କରୁଥିଲା ଏବଂ ସରକାରଙ୍କୁ ପ୍ରତିଦିନ କାଠଗଡ଼ାରେ ଠିଆ କରୁଥିଲା, ଆଜି ତାହା ସମ୍ପୂର୍ଣ୍ଣ ଅନୁପସ୍ଥିତ । ବର୍ତ୍ତମାନର ଅଧିକାଂଶ ମୁଖ୍ୟଧାରା ଟେଲିଭିଜନ୍ ଚ୍ୟାନେଲ୍ ଏବଂ ଖବରକାଗଜଗୁଡ଼ିକ ସରକାରଙ୍କ ଅଘୋଷିତ ପ୍ରବକ୍ତା ଭଳି କାର୍ଯ୍ୟ କରୁଛନ୍ତି । ମୋହନ ଯାଦବଙ୍କ ଜମି କେଳେଙ୍କାରୀ କିମ୍ବା ରାମ ମନ୍ଦିର ପାଣ୍ଠି ହେରଫେର ଭଳି ସମ୍ବେଦନଶୀଳ ଖବରଗୁଡ଼ିକୁ ଯେତିକି ଗୁରୁତ୍ୱ ମିଳିବା କଥା, ତାହା ଦିଆଯାଉ ନାହିଁ । ଯଦି କୌଣସି ଡିଜିଟାଲ୍ ମିଡିଆ ବା ସ୍ୱାଧୀନ ସାମ୍ବାଦିକ ଏହି ଖବରକୁ ସାମ୍ନାକୁ ଆଣୁଛନ୍ତି, ତେବେ ସେମାନଙ୍କୁ ସରକାରୀ କଳର ରୋଷର ଶିକାର ହେବାକୁ ପଡୁଛି । ଯେତେବେଳେ ବ୍ୟବସ୍ଥା ନିଜେ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ପ୍ରଦାନ କରେ ଏବଂ ସମାଲୋଚକମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଏ, ସେତେବେଳେ ଦୁର୍ନୀତି ଏକ ସାଧାରଣ ପ୍ରକ୍ରିୟାରେ ପରିଣତ ହୋଇଯାଏ ।

ଏହି ପ୍ରେକ୍ଷାପଟରେ ବିରୋଧୀ ଦଳର ଭୂମିକା ଏବଂ ସାଧାରଣ ଜନତାଙ୍କ ପ୍ରତିକ୍ରିୟା ଉପରେ ମଧ୍ୟ ଗମ୍ଭୀର ଚିନ୍ତନର ଆବଶ୍ୟକତା ରହିଛି । ଅତୀତରେ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ତତ୍କାଳୀନ ସରକାରଙ୍କୁ ନିଜର ନୀତି ବଦଳାଇବାକୁ ବାଧ୍ୟ କରିଥିଲା । କିନ୍ତୁ ଆଜିର ସମୟରେ ସେଭଳି କୌଣସି ବଡ଼ ଧରଣର ଜନ ଆନ୍ଦୋଳନ ଦେଖିବାକୁ ମିଳୁନାହିଁ । ନିଟ୍ ପରୀକ୍ଷା ଅନିୟମିତତାକୁ ନେଇ ଯୁବବର୍ଗ ରାସ୍ତାକୁ ଓହ୍ଲାଇଥିଲେ ମଧ୍ୟ ତାହା ବ୍ୟାପକ ଜାତୀୟ ରୂପ ନେଇପାରିଲା ନାହିଁ । କାରଣ ବର୍ତ୍ତମାନର ସରକାର ପାରମ୍ପରିକ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ନୈତିକତା ଉପରେ ଆଧାରିତ ନୁହେଁ । ତେଣୁ ଏକ ନୂତନ ଧରଣର ରାଜନୈତିକ ଏବଂ ସାମାଜିକ ପ୍ରତିରୋଧର ଆବଶ୍ୟକତା ରହିଛି । ଲୋକମାନଙ୍କୁ ବୁଝାଇବାକୁ ପଡ଼ିବ ଯେ, କେବଳ ନିର୍ବାଚନ ଜିତିଯିବା ଦ୍ୱାରା ସରକାରଙ୍କ ସମସ୍ତ ଦୁର୍ନୀତି ଏବଂ ବିଫଳତା ଧୋଇଯାଏ ନାହିଁ । ଗଣତନ୍ତ୍ର କେବଳ ଭୋଟ୍ ହାର ଉପରେ ନିର୍ଭର କରେ ନାହିଁ, ବରଂ ଶାସକଙ୍କ ଉତ୍ତରଦାୟିତ୍ୱ ଉପରେ ନିର୍ଭର କରେ ।

ପରିଶେଷରେ, ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ବର୍ତ୍ତମାନର ରାଜନୈତିକ ବ୍ୟବସ୍ଥାରେ ଦୁର୍ନୀତି ଆଉ କୌଣସି ରାଜନୈତିକ ଭୂମିକମ୍ପ ସୃଷ୍ଟି କରିବାର କ୍ଷମତା ରଖୁନାହିଁ । ମୋହନ ଯାଦବଙ୍କ ଜମି କାରବାର ହେଉ, ରାମ ମନ୍ଦିର ପାଣ୍ଠି ଲୁଟ୍ ହେଉ, ସିଏଜି ରିପୋର୍ଟରେ ଉନ୍ମୋଚିତ ଦ୍ୱାରକା ଏକ୍ସପ୍ରେସୱେ ନିର୍ମାଣ ଦୁର୍ନୀତି ହେଉ କିମ୍ବା ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ହୋଇଥିବା ପୁଞ୍ଜିପତି-ରାଜନେତା ମଧୁଚନ୍ଦ୍ରିକା ହେଉ—ଏସବୁ ଗୋଟିଏ ସୂତାରେ ବନ୍ଧା । ତାହା ହେଉଛି ଶାସକ ଦଳର ଅଦୃଶ୍ୟ ସୁରକ୍ଷା କବଚ ଏବଂ ଗଣମାଧ୍ୟମର ନୀରବତା, ଯାହା ସରକାରଙ୍କୁ ସମସ୍ତ ପ୍ରକାର ସମାଲୋଚନା ଏବଂ ଉତ୍ତରଦାୟିତ୍ୱରୁ ମୁକ୍ତ ରଖିଛି । ଯଦି ଦେଶର ନାଗରିକ, ବୁଦ୍ଧିଜୀବୀ ଏବଂ ସ୍ୱାଧୀନ ସଂସ୍ଥାଗୁଡ଼ିକ ଏହି ଉତ୍ତରଦାୟିତ୍ୱହୀନତାକୁ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ଗ୍ରହଣ କରିନିଅନ୍ତି, ତେବେ ଭବିଷ୍ୟତରେ ଭାରତୀୟ ଗଣତନ୍ତ୍ର ଏକ ଏକଛତ୍ରବାଦୀ ଏବଂ ସ୍ୱେଚ୍ଛାଚାରୀ ବ୍ୟବସ୍ଥାରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ସମୟ ଆସିଛି, ଦେଶବାସୀ ଏହି ପ୍ରାୟୋଜିତ ମାୟାଜାଲରୁ ମୁକୁଳି ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ ଏବଂ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରି ସରକାରଙ୍କୁ ଜବାବଦେହି କରିବା ପାଇଁ ଏକ ସୁଦୃଢ଼ ନାଗରିକ ପ୍ରତିରୋଧ ଗଢ଼ିତୋଳନ୍ତୁ ।

ପ୍ରଶ୍ନ ପ୍ରତିପ୍ରଶ୍ନ

# ଦୁର୍ଲଭ ଜୀବନ

ହଳଧର ଧୀର

ମନୁଷ୍ୟ ଜନ୍ମ ଅତ୍ୟନ୍ତ ଦୁର୍ଲଭ ଜଗତଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କର 'ବିବେକ ଚୂଡ଼ାମଣି'ରେ ଲେଖିଛନ୍ତି "ଦୁର୍ଲଭଂତ୍ରୟମେ- ବୈତତ୍ ଦୈବାନୁ ଗ୍ରହ ତ୍ରେକଂ, ମନୁଷ୍ୟତ୍ୱଂ ମୁ ମୁକ୍ଷତ୍ୱଂ ମହାପୁରୁଷ ସଂଶ୍ରୟଃ" ଅର୍ଥାତ ମନୁଷ୍ୟର ଜନ୍ମଲାଭ, ମୁକ୍ତି ଲାଭ ପାଇଁ ତିବ୍ରଇଛା ଏବଂ ମହାପୁରୁଷ ବା ସଦ୍‌ଗୁରୁଙ୍କର ଆଶ୍ରୟ ଏହି ତିନି ଗୋଟି ଅତ୍ୟନ୍ତ ଦୁର୍ଲଭ । କେବଳ ଈଶ୍ୱରଙ୍କର ଅନୁଗ୍ରହ ହେଲେ ଏହା ସମ୍ଭବ । ଜୀବ ବିଭିନ୍ନ ଶରୀର ଧାରଣ କରି ପରିଶେଷରେ ଯେତେବେଳେ ମନୁଷ୍ୟ ଶରୀର ଧାରଣକରେ ସେତେବେଳେ ତାକୁ ମୋକ୍ଷପ୍ରାପ୍ତି ଲାଗି ସାଧନା କରିବାର ସୁଯୋଗ ମିଳିଥାଏ । କିନ୍ତୁ ମଣିଷ ତାର ପ୍ରାରବ୍ଧକୁ ସାଥିରେ ନେଇ ଆସିଥାଏ । ପ୍ରାରବ୍ଧର କର୍ମ ତାକୁ ମନୁଷ୍ୟ ଜୀବନରେ ଭୋଗ କରିବାକୁ ପଡ଼ିଥାଏ । ନିୟତୀର କାଳ ଚକ୍ରରେ ସମୟର ଗତୀରେ ଯେଉଁ ମଣିଷ ଆତ୍ମ ସତ୍ତାକୁ ହରାଇ ବସେ କାରଣ ସେତେବେଳକୁ, ସେହି ମଣିଷର ସମୟ ଅତିକ୍ରାନ୍ତ କରି ତା ଜୀବନରେ ନେଡ଼ିଗୁଡ଼ କହୁଣୀକୁ ବୋହିସାରିଥାଏ । କିନ୍ତୁ ଥରେ ମଣିଷ ତାର ସତପଥରୁ ପଥଭ୍ରଷ୍ଟ ହୋଇଗଲାପରେ ଈଶ୍ୱରୀୟ ସତ୍ତାକୁ ଭୁଲିଯାଇଥାଏ । ଆସୁରୀକ ଶକ୍ତି ତାକୁ ଗ୍ରାସ କରିସାରିଥାଏ । ଏହା ଫଳରେ ସେହି ମଣିଷ ଭଲମନ୍ଦର କଥାକୁ ଭୁଲିଯାଇଥାଏ । ବାସ୍ତବ ସତ୍ୟଠାରୁ ବହୁ ଦୂରକୁ ଚାଲିଯାଇଥାଏ । ଥରେ ଅନ୍ୟର କାୟା ଓ ମାୟା ଯେଉଁ ମଣିଷକୁ କବଳିତ କରିଥାଏ । ସେହି ମଣିଷ ନିଜର ଧୀଶକ୍ତି ଓ ସାମର୍ଥ୍ୟ ହରାଇ ବସିଥାଏ । ସେଇ ମଣିଷ ଛଦ୍ମବେଶୀ ମଣିଷର ଅକ୍ଟୋପାସ ରୂପି ସ୍ୱାର୍ଥ, ମନ୍ଦ ଅଭିଳାସ ଓ କାମନା ର ଜ୍ୱଳାରୁ ନିଜକୁ କେବେ ବି ମୁକ୍ତ କରିପାରେନା । ସେହି ଅଜ୍ଞାନୀ ମଣିଷ ଗର୍ବ ଓ ଅହଂକାରର ଭଉଁରୀ ଭିତରୁ ନିଜର ଭୁଲ ଓ ତ୍ରୁଟିକୁ କଦାପି ସ୍ୱୀକାର କରିପାରେ ନାହିଁ ।

ସେହି ମଣିଷ ନିଜର ସ୍ୱଭାବ ଜନିତ ତାର ଉପକାରୀ ମଣିଷ ପ୍ରତି ନିଜର କୃତଜ୍ଞତା କେବେବି ପ୍ରକାଶ କରି ପାରିନଥାଏ । ଥରେ ସେହି ମଣିଷ ନିଜର ସ୍ଥିତିକୁ ହରାଇ ବସିବା ପରେ ଯେତେ ଚେଷ୍ଟା କଲେବି କେବେବି ତାର ପୂର୍ବ ସ୍ଥିତିକୁ କଦାପି ଫେରିଆସି ପାରେ ନାହିଁ । ସେହି ମଣିଷ ଜୀବନ ସାରା ଅନ୍ୟ ସ୍ୱାର୍ଥରୁପି ମଣିଷର ଆୟତ୍ତରେ ରହି ନିଜର ଅଜାଣତରେ ଅନ୍ୟର ଚାବିଦିଆ କଣ୍ଢେଇଟିଏ ପାଲଟି ଯାଇ ନିଜର ସ୍ଥିତିକୁ ଦୁର୍ବଳ କରିଦେଇଥାଏ । ସେହି ମଣିଷର ଜୀବନ ମୋହଗ୍ରସ୍ତ ହୋଇ ପଡ଼ିଥାଏ । ଅନ୍ୟ ମଣିଷର ଇସାରାରେ ନାଚିବାକୁ ଲାଗିଥାଏ । ସେହି ମଣିଷର ଜୀବନରେ ନିଜର ପ୍ରାରବ୍ଧର କର୍ମ, ବଂଶଗତ ସଂଚରଣ, ପୃଥକୀକରଣ ପରିବେଶ, ନିଜର ଲୁପ୍ତଗୁପ୍ତର ଆଭ୍ୟନ୍ତରୀଣ କାର୍ଯ୍ୟଧାରା, ନିଜର ଅସ୍ଥିରତା ଓ ଦଦୁଲ୍ୟମାନ ସ୍ଥିତି ଓ ଆହୁରୀ ଅନେକ କାରଣ ଯୋଗୁଁ ସେହି ମଣିଷ ତା ନିଜର ଅସ୍ତିତ୍ୱକୁ ଭୁଲିଯାଇ ଥାଏ । ଏହିପରି ମଣିଷମାନେ ତିମିରେ ତିମିରେ ଆଗକୁ ପାଦ ବଢ଼ାଇଥାନ୍ତି । ସେମାନଙ୍କ ଲାଗି ଚେନାଏ ଆଲୋକର ଧାରା ଅସହ୍ୟ ହୋଇ ପଡ଼ିଥାଏ ।

ସେହି ମଣିଷ ଚାହିଁ କରି ମଧ୍ୟ ମୁକ୍ତ ଭାବେ ନିଜର ଭାବ ଓ ଭାବନାକୁ ସ୍ପଷ୍ଟ ଭାବେ ପ୍ରକାଶ କରିପାରି ନଥାଏ । ଏହିପରି ମଣିଷମାନେ ସଦାସର୍ବଦା ସତ୍ୟର ଅପଳାପ କରି ଆସିଥାନ୍ତି । ଏହି ପରି ମଣିଷମାନେ ନିଜ ପାଇଁ ନିଷ୍ପତ୍ତି ମଧ୍ୟ ଦୃଢ଼ ଭାବେ ଗ୍ରହଣ କରି ପାରିନଥାନ୍ତି । ସଦାସର୍ବଦା ନିର୍ଭରଶୀଳ ହୋଇଥାନ୍ତି । ଏହି ପରି ମଣିଷମାନେ ଆଲୋକ ଠାରୁ ଅନ୍ଧକାରର ଅନୁଭବକୁ ବେଶ ଭଲ ପାଇଥାନ୍ତି । ଏହି ପରି ମଣିଷ ନିଜର ଶୂନ୍ୟତାକୁ କେବେବି ଅନୁଭବ କରିପାରିନଥାନ୍ତି । ସେହି ମଣିଷମାନେ ନିଜର ଏକାକିତ୍ୱ ମୁହୂର୍ତ୍ତକୁ ବେଶ ଉପଭୋଗ କରିବାକୁ ଖୁବ୍ ଭଲ ପାଇଥାନ୍ତି । ଯେଉଁ

ମଣିଷ ଥରେ ଛଦ୍ମମନା ମଣିଷର ମିଛ ମୋହ ମାୟା ସମ୍ପର୍କର ମାୟା ଜାଲରେ ଛନ୍ଦି ହୋଇ ଯାଇଥାଏ, ସେହିପରି ମଣିଷମାନଙ୍କ ନିକଟରେ ସମ୍ପର୍କର ସଂଜ୍ଞା ମୂଲ୍ୟହୀନ ହୋଇ ପଡ଼ିଥାଏ । ସମ୍ପର୍କୀୟମାନେ ତାଙ୍କ ପାଇଁ କାକ୍‌ଟସ୍ ସଦୃଶ ପ୍ରତୀୟମାନ ହୋଇଥାନ୍ତି । ଏହି ପରି ମଣିଷମାନେ ନିଜର ସିଦ୍ଧି ଓ ସାଧନା ବଳରେ ନିଜ ହାତରେ ଗଢ଼ିଥିବା ଅମୃତମୟ ସଦୃଶ ସୌଧଟି ତାସଘର ପରି ଭାଙ୍ଗୀ ଚୁରମାର ହୋଇ ଯାଉଥିଲେ ବି ସେମାନଙ୍କ ଉପରେ କୌଣସି ପ୍ରଭାବ ପଡ଼େ ନାହିଁ କି ସେମାନଙ୍କ ମନରେ କୌଣସି ଭାବାନ୍ତର ସୃଷ୍ଟି ହୋଇପାରି ନଥାଏ । ଆତ୍ମୀୟ ସ୍ୱଜନମାନେ ବାୟା ଚଢ଼େଇର ବସା ପରି ଦୋହଲିବାର ଦୃଶ୍ୟ ସେମାନଙ୍କ ମନ ଓ ହୃଦୟକୁ କେବେ ବି ବିଚଳିତ କରିପାରିନଥାଏ । ସେହି ମଣିଷ ତାର ଅଜ୍ଞାତରେ ଗର୍ବ ଓ ଅହଂକାରର ଅନ୍ଧ ଗଳୀରେ ନିଜକୁ ହଜାଇ ଦେଇଥାନ୍ତି । ସେହି ମଣିଷମାନଙ୍କ ପାଇଁ ଆଲୋକର ଧାରା ସାତ ସପନ ହୋଇ ପଡ଼ିଥାଏ । ସେହି ମଣିଷ ମାନେ ମଣିଷ ରୂପି ଅକ୍ଟୋପସସ କବଳରୁ ନିଜକୁ ମୁକ୍ତ କରିବା ଯେତିକି କଷ୍ଟକର ହୋଇ ପଡ଼ିଥାଏ, ତାଠାରୁ ଅଧିକ ଯନ୍ତ୍ରଣା ଦାୟକ ମଧ୍ୟ ହୋଇଥାଏ ।

ଏହିପରି ମଣିଷମାନେ ସଦା ଭଗବତ୍ ଚିନ୍ତା ସଦ୍‌ଗୁରୁ ଆଶ୍ରୟଚିନ୍ତା କରିବା ଉଚିତ । ମଣିଷ ଜୀବନ ଦୁର୍ଲଭ ଜୀବନ । ମଣିଷ କେବଳ ଈଶ୍ୱର ଚିନ୍ତନ ଦ୍ୱାରା ହିଁ ମୁକ୍ତିର ବାଟ ପାଇ ପାରିଥାଏ । ଐଶ୍ୱରୀକ ଶକ୍ତି ଦ୍ୱାରା ହିଁ ମଣିଷ ନିଜର ମନୁଷ୍ୟ ଜୀବନକୁ ସଫଳ କରିପାରିଥାଏ ।

+ବରିଷ୍ଠ ସାମ୍ବାଦିକ
ଭୁବନେଶ୍ୱର
ମୋ: ୯୪୩୮୬୩୯୪୫୩



# ଭାରତୀୟ ଗଣତନ୍ତ୍ରର କଳା ଅଧ୍ୟାୟ: ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତୀୟ ଇତିହାସର ପୃଷ୍ଠାକୁ ଓଲଟାଇଲେ ୧୯୭୫ ମସିହା ଜୁନ୍ ୨୫ ତାରିଖ ମଧ୍ୟରାତ୍ରିର ସେହି କଳା ମୁହୂର୍ତ୍ତ ସାମ୍ନାକୁ ଆସେ ଯେତେବେଳେ ସମଗ୍ର ଦେଶରେ ଜରୁରୀକାଳୀନ ପରିସ୍ଥିତି ବା 'ଏମରଜେନ୍ସି' ଲାଗୁ କରାଯାଇଥିଲା ଏବଂ ବର୍ତ୍ତମାନ ଏହି ଐତିହାସିକ ଘଟଣାକୁ ପୂରା ୫୦ ବର୍ଷ ଅତିକ୍ରମ କରିସାରିଛି । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସୁପାରିଶ କ୍ରମେ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ସମ୍ବିଧାନର ଧାରା ୩ ମବଭଙ୍ଗବସ୍ପ ୩୫୨ ଅନୁଯାୟୀ ଆଭ୍ୟନ୍ତରୀଣ ଅଶାନ୍ତିର ଦୁହାଇ ଦେଇ ଏହି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଯାହା ୨୧ ମାସ ଧରି ଅର୍ଥାତ୍ ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଏହି ସମୟକୁ ଭାରତୀୟ ଗଣତନ୍ତ୍ରର ସବୁଠାରୁ ଅନ୍ଧକାରମୟ ଅଧ୍ୟାୟ ବୋଲି କୁହାଯାଏ କାରଣ ଏହି ସମୟ ମଧ୍ୟରେ ନାଗରିକ ମାନଙ୍କର ମୌଳିକ ଅଧିକାରକୁ ସମ୍ପୂର୍ଣ୍ଣ ରୂପେ କ୍ଷୁର୍ଣ୍ଣ କରାଯାଇଥିଲା ଏବଂ ବିରୋଧୀ ଦଳର ବହୁ ପ୍ରମୁଖ ନେତାଙ୍କ ସମେତ ହଜାର ହଜାର ସାଧାରଣ ଲୋକଙ୍କୁ ଜେଲରେ ବନ୍ଦୀ କରାଯାଇଥିଲା । ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶବାସୀ ଏହି ଦିନକୁ 'ସମ୍ବିଧାନ ହତ୍ୟା ଦିବସ' ଭାବରେ ସ୍ମରଣ କରୁଛନ୍ତି ଯାହା ଆମକୁ ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସର୍ବଦା ସତର୍କ ରହିବାକୁ ପ୍ରେରଣା ଦିଏ । ଏହି କଳା ଆଦେଶ ଜାରି ହେବା ମାତ୍ରେ ସମଗ୍ର ଦେଶରେ ଏକ ପ୍ରକାର ଭୟ ଏବଂ ନିରବତାର ବାତାବରଣ ସୃଷ୍ଟି ହୋଇଥିଲା ଯେଉଁଠାରେ ସମ୍ବାଦପତ୍ର ଗୁଡ଼ିକ ଉପରେ କଠୋର ସେନସରସିପ୍ ଲାଗୁ କରାଯାଇ ପ୍ରେସ ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ଭାବେ ଚାପି ଦିଆଯାଇଥିଲା । ଗଣମାଧ୍ୟମ ଗୁଡ଼ିକୁ ସରକାରଙ୍କ ବିରୋଧରେ କୌଣସି ଖବର ପ୍ରକାଶ କରିବାକୁ ଅନୁମତି ନଥିଲା ଏବଂ ଅନେକ ପ୍ରତିଷ୍ଠିତ ଖବରକାଗଜ ସରକାରଙ୍କ ଏହି ନିଷ୍ପତ୍ତିର ପ୍ରତିବାଦ ସ୍ୱରୂପ ନିଜର ସମ୍ପାଦକୀୟ ପୃଷ୍ଠାକୁ ସମ୍ପୂର୍ଣ୍ଣ ଶୂନ୍ୟ ବା କଳା ରଖି ପ୍ରକାଶ କରିଥିଲେ । ଜୟପ୍ରକାଶ ନାରାୟଣ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ, ମୋରାରଜୀ ଦେଶାଇ, ଚୌଧୁରୀ ଚରଣ ସିଂହଙ୍କ ଭଳି ତୁଙ୍ଗ ନେତାମାନଙ୍କୁ ରାତାରାତି ମିସା (MISA - Maintenance of Internal Security Act) ଏବଂ ଡିଆଇଆର (DIR) ଭଳି କଠୋର ଆଇନ ବଳରେ ଗିରଫ କରି କାରାଗାରକୁ ପଠାଇ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ନ୍ୟାୟପାଳିକାର ସ୍ୱାଧୀନତା ଉପରେ ମଧ୍ୟ ପ୍ରହାର କରାଯାଇଥିଲା ଏବଂ ସରକାର ନିଜ ଇଚ୍ଛା ଅନୁସାରେ ସମ୍ବିଧାନର ୪୨ତମ ସଂଶୋଧନ କରି ସଂସଦର କ୍ଷମତାକୁ ଅସୀମିତ କରିବା ସହ ସର୍ବୋଚ୍ଚ ନ୍ୟାୟାଳୟର ସମୀକ୍ଷା ଅଧିକାରକୁ ସଂକୁଚିତ କରିଦେଇଥିଲେ । ଓଡ଼ିଶାରେ ମଧ୍ୟ ଜରୁରୀକାଳୀନ ପରିସ୍ଥିତିର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଥିଲା ଯେଉଁଠାରେ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ରାଧାନାଥ ରଥ ଓ ମନମୋହନ ଚୌଧୁରୀଙ୍କ ଭଳି ବହୁ ପ୍ରତିଷ୍ଠିତ ଜନନେତା ଓ ସ୍ୱାଧୀନତା ସଂଗ୍ରାମୀମାନେ ଏହି ଏକଛତ୍ରବାଦୀ ଶାସନର ତୀବ୍ର ବିରୋଧ କରି କାରାବରଣ କରିଥିଲେ । ଜରୁରୀକାଳୀନ ପରିସ୍ଥିତି ସମୟରେ କେବଳ ରାଜନୈତିକ ନେତା ନୁହଁନ୍ତି ବରଂ ସାଧାରଣ ନାଗରିକମାନେ ମଧ୍ୟ ଅନେକ ଅମାନୁଷିକ ଅତ୍ୟାଚାରର ଶିକାର ହୋଇଥିଲେ ଯାହାର ସବୁଠାରୁ ବଡ଼ ଉଦାହରଣ ଥିଲା ଜବରଦସ୍ତ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଏବଂ ସହରଗୁଡ଼ିକରୁ ବସ୍ତି ଉଚ୍ଛେଦ କରିବା ନାମରେ ଗରିବ ଲୋକଙ୍କ ଆଶ୍ରୟସ୍ଥଳୀକୁ ଭାଙ୍ଗିଦେବା । ଦେଶର ଯୁବପିଢ଼ି ଓ ଛାତ୍ର ସମାଜ ମଧ୍ୟ ଏହି ସୈରଶାସନ ବିରୋଧରେ ଗୁପ୍ତ ଭାବେ ଆନ୍ଦୋଳନ ଚଳାଇଥିଲେ ଏବଂ ଅନେକ ସଂଗଠନର କର୍ମୀମାନେ ବିଭିନ୍ନ ବେଶ ବଦଳାଇ ସରକାରଙ୍କ ବିରୋଧୀ ପତ୍ରିକା ବଣ୍ଟନ କରି ଗଣତନ୍ତ୍ର ବଞ୍ଚାଅ ଅଭିଯାନକୁ ଜୀବିତ ରଖିଥିଲେ । ଦୀର୍ଘ ୨୧ ମାସର ଏହି ଯନ୍ତ୍ରଣାଦାୟକ ପରିସ୍ଥିତି ପରେ ଯେତେବେଳେ ୧୯୭୭ରେ ନିର୍ବାଚନ ହେଲା ସେତେବେଳେ ଭାରତର ସଚେତନ ଜନସାଧାରଣ ନିଜର ଭୋଟ ଦାନ ଅଧିକାର ମାଧ୍ୟମରେ ଏକଛତ୍ରବାଦୀ ଶାସନକୁ ଶେଷ କରି ଗଣତନ୍ତ୍ରର ପୁନଃପ୍ରତିଷ୍ଠା କରିଥିଲେ ଏବଂ ଏହା ପ୍ରମାଣିତ କରିଥିଲେ ଯେ ଭାରତୀୟ ମାଟିରେ ସୈରଶାସନର କୌଣସି ସ୍ଥାନ ନାହିଁ । ପରବର୍ତ୍ତୀ ସମୟରେ ଗଠିତ ଜନତା ପାର୍ଟି ସରକାର ସମ୍ବିଧାନର ୪୪ତମ ସଂଶୋଧନ ଆଣି ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବାର ନିୟମକୁ ଅଧିକ କଠୋର କଲେ ଯେପରି ଭବିଷ୍ୟତରେ କୌଣସି ଶାସକ କ୍ଷମତାର ଅପବ୍ୟବହାର କରି ଦେଶକୁ ଏଭଳି ପରିସ୍ଥିତିକୁ ଠେଲି ନଦେଇପାରିବେ । ଆଜି ୫୦ ବର୍ଷ ପରେ ଏହି ସମୟକୁ ମନେ ପକାଇବାର ମୂଳ ଉଦ୍ଦେଶ୍ୟ ହେଉଛି ଆମର ସାମ୍ବିଧାନିକ ମୂଲ୍ୟବୋଧ, ବାକ୍ ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ପ୍ରତି ଆମେ ସର୍ବଦା ଅଙ୍ଗୀକାରବଦ୍ଧ ରହିବା ଉଚିତ । ଏହି ଅର୍ଦ୍ଧଶତାବ୍ଦୀର ପୂର୍ତ୍ତି ଅବସରରେ ଦେଶର ସଂସଦ, କ୍ୟାବିନେଟ ଏବଂ ବିଭିନ୍ନ ନାଗରିକ ସମାଜ ଦ୍ୱାରା ସେହି ସମୟରେ ପ୍ରାଣବଳି ଦେଇଥିବା ଏବଂ ଅକଥନୀୟ ନିର୍ଯାତନା ସହିଥିବା ସଂଗ୍ରାମୀମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ଏହି ଇତିହାସ ଶିକ୍ଷା ଦିଏ ଯେ ସମ୍ବିଧାନ ହେଉଛି ଆମ ଦେଶର ଆତ୍ମା ଏବଂ ଏହାର ସୁରକ୍ଷା କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପଞ୍ଚମ କର୍ତ୍ତବ୍ୟ ଅଟେ । ଜରୁରୀକାଳୀନ ପରିସ୍ଥିତିର ଏହି ୫୦ ବର୍ଷର ସମୀକ୍ଷା କେବଳ ଅତୀତର ଦୁଃଖଦ ସ୍ମୃତିକୁ ରୋମନ୍ଥନ କରିବା ନୁହେଁ ବରଂ ଭବିଷ୍ୟତ ପାଇଁ ଆମ ଗଣତନ୍ତ୍ରର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ଓ ସୁରକ୍ଷିତ ରଖିବାର ଏକ ସଂକଳ୍ପ ଦିବସ ଅଟେ । ଏହି ସାମ୍ବିଧାନିକ ସଙ୍କଟର ବିଭିନ୍ନ ଦିଗକୁ ଅନୁଧ୍ୟାନ କଲେ ଏହାର କେତେକ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ (Pros and Cons) ସ୍ପଷ୍ଟ ହୋଇଥାଏ ଯାହାକୁ ନିମ୍ନଲିଖିତ ଭାବେ ଆଲୋଚନା କରାଯାଇପାରେ । ପ୍ରଥମେ ଏହାର ସକାରାତ୍ମକ ଦିଗ ବା ଲାଭକୁ ଦେଖିଲେ, ଜରୁରୀକାଳୀନ ପରିସ୍ଥିତି ସମୟରେ ପ୍ରଶାସନିକ ଶୃଙ୍ଖଳା ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କଠୋର ପଦକ୍ଷେପ ନିଆଯାଇଥିଲା ଯାହାଫଳରେ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ କର୍ମଚାରୀମାନଙ୍କର ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥିଲା । ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ସାଂପ୍ରଦାୟିକ ଦଙ୍ଗା ଏବଂ ହିଂସାତ୍ମକ ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇଥିଲା ଯାହା ଦେଶରେ ଏକ ପ୍ରକାର ଶାନ୍ତି ପ୍ରତିଷ୍ଠା କରିଥିଲା । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ୨୦-ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାବଜାରୀ, ମହଜୁଦକାରୀ ଏବଂ ସ୍ମଗଲରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦ୍ରବ୍ୟମୂଲ୍ୟ ନିୟନ୍ତ୍ରଣ ଓ ଅର୍ଥନୈତିକ ସ୍ଥିରତା ଆଣିବାକୁ ଚେଷ୍ଟା କରାଯାଇଥିଲା । ଦ୍ୱିତୀୟରେ ଏହାର ନକାରାତ୍ମକ ଦିଗ ବା କ୍ଷତିକୁ ଦେଖିଲେ, ଏହା ଭାରତୀୟ ସମ୍ବିଧାନ ପ୍ରଦତ୍ତ ନାଗରିକମାନଙ୍କର ବାକ୍ ସ୍ୱାଧୀନତା ଏବଂ ଜୀବନ ରକ୍ଷାର ମୌଳିକ ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ଦଳିମକଚି ଦେଇଥିଲା । ଗଣମାଧ୍ୟମ ଉପରେ କଠୋର ପ୍ରତିବନ୍ଧକ ଲଗାଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ମୂକ କରିଦିଆଯାଇଥିଲା ଏବଂ ବିରୋଧୀ ସ୍ୱରକୁ ସମ୍ପୂର୍ଣ୍ଣ ରୂପେ ଚାପି ଦେବା ପାଇଁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବିନା କୌଣସି ଟ୍ରାଏଲରେ ଜେଲରେ ବନ୍ଦୀ କରାଯାଇଥିଲା । ଏହି ସମୟ ମଧ୍ୟରେ ସରକାରୀ କ୍ଷମତାର ବ୍ୟାପକ ଅପବ୍ୟବହାର କରାଯାଇ ଜନସାଧାରଣଙ୍କ ଉପରେ ଅମାନୁଷିକ ପୁଲିସ ଅତ୍ୟାଚାର ଏବଂ ବାଧ୍ୟତାମୂଳକ ନିଷ୍ଠୁର କାର୍ଯ୍ୟକ୍ରମ ଲାଗୁ କରାଯାଇଥିଲା ଯାହା ନାଗରିକମାନଙ୍କ ମଧ୍ୟରେ ଚରମ ଅସନ୍ତୋଷ ସୃଷ୍ଟି କରିଥିଲା ।

+ମୋ: ୯୪୩୭୯୯୪୩୭୯



ସୁବ୍ରତ କର

# ଆମ ରାଜ୍ୟରେ ମଦ ବ୍ୟବସାୟ କରବା ପାଇଁ ବିହାରୀ ବାବୁମାନେ ଆଗଭର

ରାଜ୍ୟରେ ମଦ ଦୋକାନର ନିଲାମ ସରିଲା ଏବଂ ଏ ପର୍ଯ୍ୟନ୍ତ ସରକାରୀ ତଥ୍ୟନୁସାରେ ପ୍ରାୟ ୫୦ ଭାଗ ମଦ ଦୋକାନ ବିହାରୀ ବ୍ୟବସାୟୀ ମାନେ ହାତେଇଛନ୍ତି । ଆଶ୍ଚର୍ଯ୍ୟର କଥା ତାଙ୍କ ରାଜ୍ୟରେ ମଦ ବିକ୍ରି ଏବଂ ପିଇବା ସରକାରୀ ଭାବେ ମନା କରା ହୋଇଛି । ୩୨ଟି ବ୍ୟବସାୟୀ ରାଜସ୍ୱ ଜିଲ୍ଲାରେ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଲଟେରୀ ଉଠାଣ ପ୍ରକ୍ରିୟା ଶେଷ ହୋଇଛି । ସରକାରୀ ତଥ୍ୟନୁଯାୟୀ ଗୋଟାଏ ଦିନରେ ପ୍ରାୟ ୯୬୦ଟି ବିଦେଶୀ ମଦ ଦୋକାନର ନିଲାମ କାର୍ଯ୍ୟ ଶେଷ ହୋଇଛି । ସର୍ବମୋଟ ୧୧୦୯ଟି ମଦ ଦୋକାନ ପାଇଁ ୨୬ ହଜାର ୬ ଶହ ଜଣ ଆବେଦନ କରିଥିଲେ । ତନ୍ମଧ୍ୟରୁ ୯୬୦ଟି ମଦ ଦୋକାନ ମଧ୍ୟରୁ ୫୦ ଭାଗ ବିହାରୀ ବ୍ୟବସାୟଙ୍କ ହାତକୁ ଯାଇଛି । ପ୍ରତି ଦୋକାନ ପାଇଁ ପ୍ରତି ବ୍ୟବସାୟୀଙ୍କୁ ୩ ଲକ୍ଷ ଟଙ୍କା ସରକାରଙ୍କ ଠାରେ ପଇଠ କରିବା କଥା । ସର୍ତ୍ତ ହେଉଛି ଯଦି ସେହି ବ୍ୟବସାୟୀଙ୍କୁ ଦୋକାନ ନ ମିଳେ ସରକାରଙ୍କ ତରଫରୁ ପଇଠ ହୋଇଥିବା ଟଙ୍କା ଫେରସ୍ତ କରାହେବ ନାହିଁ । ଏହି ବାବଦକୁ ସରକାର ପ୍ରାପ୍ତ ୮୦୦ କୋଟି ଟଙ୍କା ରାଜସ୍ୱ ପାଇଲେ । ଏହି ଲଟେରୀରେ ଭାଗ ନେଇଥିବା ଭାଗ ନେଇଥିବା ରାଜ୍ୟ ଗୁଡ଼ିକ ହେଲା ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ର ଏବଂ ପଞ୍ଜାବ । ଏହି ଘଟଣା ପରେ ଆମ ରାଜ୍ୟର ମଦ ବ୍ୟବସାୟୀଙ୍କ ମନରେ ସନ୍ତୋଷ ଦେଖା ଦେଇଛି । ଭୁବନେଶ୍ୱରର ୫୦ଟି ଦୋକାନ ମଧ୍ୟରୁ ୨୨ଟି ବିହାରୀ ବାବୁଙ୍କ କବ୍‌ଜାରେ । କଟକରେ ୨୮ଟି, ପୁରୀରେ ୭ଟି, ମୟୂରଭଞ୍ଜରେ ୧୮, ଯାଜପୁରରେ ୧୫ଟି ଏମିତି ସବୁ ଜିଲ୍ଲାରେ ବିହାରୀ ବାବୁମାନେ ଆଧିପତ୍ୟ ଜିଲ୍ଲାର କରି ପାରିଛନ୍ତି । ଏହା ସମ୍ଭବ ହୋଇପାରିଛି ସରକାରଙ୍କ କନ୍ଦୋଳ ନୀତି ପାଇଁ । ଆମ ଜିଲ୍ଲା ବାଲେଶ୍ୱରରେ ୫୪ ମଦ ଦୋକାନ ପାଇଁ ଆବେଦନର ସଂଖ୍ୟା ହେଲା ୫୮୫ ଜଣ । ଏହି ସଂଖ୍ୟାରୁ ବୁଝି ହେଉଛି ମଦ ଏବଂ ମଦ ଦୋକାନର ଚାହିଦା କେତେ । ସବୁ ବ୍ୟବସାୟୀ ଜାଣିଛନ୍ତି ଗୋଟାଏ ଦୋକାନ ହାତେଇ ପାରିଲେ ଗୋଟାଏ ବର୍ଷରେ କୋଟିପତି ହବାର ସୁଯୋଗ ପ୍ରାୟ ୧୦୦ ଭାଗ । ଏହାକୁ ହାତଛଡ଼ା କିଏ କରିବ ? କିନ୍ତୁ ଗୋଟାଏ ଜିନିଷ ସରକାରଙ୍କ ବୁଝା ପଡୁ ନାହିଁ । ରାଜ୍ୟରେ ମଦର ବିସ୍ତାର ଚାହୁଁଛନ୍ତି ନା ମଦରୁ ନିସ୍ତାର ଚାହୁଁଛନ୍ତି ? ମୁଁ ଭାବୁଛି ଏହି ଦୋକାନକୁ ଲଟେରୀ ମାଧ୍ୟମରେ ବାଣ୍ଟିବା ପାଇଁ ଜିଲ୍ଲାର କଲେକ୍ଟର ଏବଂ ଏଡିଏମଙ୍କୁ ଆଖିରେ କଳାପଟି ବାନ୍ଧିବାକୁ ପଡ଼ିଲା ସମସ୍ତଙ୍କ ସାମନାରେ । ଏହି କାର୍ଯ୍ୟଟିକୁ ସାଧାରଣ ଜନତା ସହଜରେ ଗ୍ରହଣ କରି ପାରୁ ନାହାନ୍ତି କାରଣ ସମସ୍ତେ ଜାଣିଛନ୍ତି ମଦ ବ୍ୟବସାୟ କଳା ବ୍ୟବସାୟ, କଳା ଟଙ୍କାରେ ଦୋକାନକୁ ନିଆ ହୋଇଥାଏ ଏବଂ ଏ ବ୍ୟବସାୟ ଅନ୍ଧାରରେ ଗଲେ ।

ମଦ ପିଇଥିବା ଲୋକଙ୍କୁ ସବୁ କିଛି ଅନ୍ଧାର ଲାଗେ, ହୁଏତ ସେଇଥି ପାଇଁ ଲଟେରୀ କରୁଥିବା ଅଫିସରଙ୍କୁ ଆଖିରେ କଳାପଟି ବାନ୍ଧିବାକୁ ସରକାରଙ୍କ ତରଫରୁ କୁହା ହୋଇଥିବ । କିନ୍ତୁ ଏହି କାର୍ଯ୍ୟଟିକୁ କେହି ସହଜରେ ଗ୍ରହଣ କରିପାରନ୍ତେ ।




## ତୁମକୁ ଚିହ୍ନିଚି ବର୍ଷା

ମୋହନ କୁମାର ସ୍ୱାଇଁ



କାଳ ଅକାଳରେ ପାଦ ଦେଉ ଦେଉ
ଚହଟି ଉଠଇ ମଧୁ ମାଳତୀ
ବେଳ ଅବେଳରେ ରିମଝିମ୍ ସ୍ୱରେ
ନିଆରା ବାସନା ଜଣାଏ ସ୍ଥିତି
ତୁମକୁ ଚିହ୍ନିଚି ବର୍ଷା,
ତୁମେ ଆସୁ ଆସୁ ଧରଣୀ ଛାତିରେ
ସଞ୍ଚରିତ ହୁଏ ଆଶା ।

ତୁମ ପରଶରେ ଟାଙ୍ଗରା ଭୂଇଁର
କୁଣ୍ଢେ ମୋଟ ହୁଏ ନିରାଶା ମନ
ଶୁଖିଲା ଅଧରେ ପ୍ରସ୍ଫୁଟିତ ହୁଏ
ନବ ଉନ୍ମାଦନା ନିରାଶା ପ୍ରାଣ
ତୁମକୁ ଚିହ୍ନିଚି ବର୍ଷା,
ତମ ଆଗମନେ ଫେରିଆସେ ଯେତେ
ମୂକ ଅଧରରେ ଭାଷା ।

ଚାତକ ନାଚଇ ଛମ୍ ଛମ୍ କରି
ହୁଳହୁଳି ଶୁଭେ ଭେକ ତୁଣ୍ଡରୁ
ନିଆଁ ଝୁଲ ସବୁ ଅପସରି ଯାଏ
ପ୍ରାଣୀଜଗତର ବୋଝ ମୁଣ୍ଡରୁ
ତୁମକୁ ଚିହ୍ନିଛି ବର୍ଷା,
ତୁମ କୃପା ବାରି ଉତାରି ପକାଏ
ସବୁ ସୋମରସ ନିଶା ।


ଝଡିଥିବା ମଞ୍ଜି ଗଜୁରି ଉଠଇ
ଆପେ ଆପେ ଶାଖା ପ୍ରଶାଖା ମେଲି
ହସିଉଠେ ସାରା ବନ ଉପବନ
ନାନା ରଙ୍ଗ ଫୁଲ ଡାଳରେ ଝୁଲି
ତୁମକୁ ଚିହ୍ନିଛି ବର୍ଷା,
ତୁମ ଆଗମନେ ଶୁଖିଲା ଥନରେ
ଆତ୍ମା ବିଜଡ଼ିତ ତୃଷା ।

ନିସ୍ତେଜ ଝରଣା ଆଗକୁ ବଢ଼ଇ
ମୁଗ୍ଧ ମନୋହର ଗୀତକୁ ଗାଇ
ଥୁଣ୍ଟା ବରଗଛ ପଲ୍ଲବିତ ହୋଇ
ଅରପଣ କରେ ଆପଣା ଛାଇ
ତୁମକୁ ଚିହ୍ନିଛି ବର୍ଷା,
ପାଦ ପଡୁପଡୁ ଦେଶାନ୍ତର ହୁଏ
ମଥାରୁ ମାରକ ଦଶା ।

+ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

## ମୌସୁମୀ ତାର ନାଆଁ

ସୁଧାକର ରାଉତ



ଠାକୁରଙ୍କୁ ହେଲା ଜ୍ୱର
ଆଷାଢ଼ର ଶୁକ୍ଳ ଅଷ୍ଟମୀ ତିଥିରେ
ସିନାନ ମଣ୍ଡପେ ଆସି
ସୁନା କୂପର ସୁବାସିତ ଜଳରେ
ଗାଧୋଇଲ ହସି ହସି ।
ଜୁଡୁ ସୁଡୁ ହୋଇ ଗାଧୋଇଲା ବେଳେ
ଭୁଲି ପରିଣାମ କଥା
ଖଇଫୁଟା ଜ୍ୱରରେ ଆକ୍ରାନ୍ତ ହୋଇ
ଭୋଗିବଟି କେତେ ବ୍ୟଥା ।
ବ୍ରହ୍ମାଣ୍ଡ ଠାକୁର ହୋଇ ପୁଣି କିଆଁ
ଏଡ଼େ ଅମାନିଆ ହେଲ
ଭକତ ଭାବରେ ଭୋଳ ହୋଇ ପ୍ରଭୁ
ନିଜ କଷ୍ଟ ଭୁଲି ଗଲ ।
ଗୁପତ ସେବାରେ ଲାଗିବେ ବଇଦେ
ଏବେ ଅଣସର ଘରେ
ପଞ୍ଚଦଶ ଦିନ ନାନା ପଥି ଖାଇ
ସୁସ୍ଥ ହେବ ଧୀରେ ଧୀରେ ।
ରତ୍ନ ସିଂହାସନ ପଡ଼ିଯିବ ଶୂନ୍ୟ
ପଟିଦିଅଁ ତୁମ ସ୍ଥାନେ
ପୂଜା ପାଇଲେ ବି ଭକତେ ତୁମକୁ
ଝୁରୁଥିବେ ମନେ ମନେ ।
ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ
ନବ ଯଉବନ ବେଶେ
ଦରଶନ ଦେଇ ତୋଷିବ ଭକତେ
ରଥେ ବିଜେ ହେବା ଆଶେ ।
ତୁମ ଲୀଳା ପ୍ରଭୁ ତୁମକୁ ଗୋଚର
ଆମେ ତ କୋମଳମତି
ଦୟା ପରବଶ ହୋଇଲେ ଠାକୁର
ରଖିବୁଟି ଯଶ ଖ୍ୟାତି ।

+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଉଦ୍ୟମୀ ଓଡ଼ିଶା ଏମ୍ଏସଏମଇ କାର୍ଯ୍ୟକ୍ରମ-୨୦୨୬ ଉଦ୍ଘାଟିତ

ଝାରସୁଗୁଡ଼ା, ୨୮/୦୬ (ନି.ପ୍ର): ଜାତୀୟ ଏମ୍ ଏସ ଏମ ଇ ଦିବସ ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ଝାରସୁଗୁଡା ପକ୍ଷରୁ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍ ଏସ ଏମ ଇ କାର୍ଯ୍ୟକ୍ରମ-୨୦୨୬'ର ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଏମ. ସି ଏଲ ଅଡ଼ିଟରିୟମ ହଲ ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡାର ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚଓ୍ୱାଣ ସଭାପତିତ୍ୱ କରିଥିଲେ। ଏଥିରେ ସାଂସଦଙ୍କ ନୋମିନୀ ଶ୍ଳୋକ ସରନା, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ବିକାଶ ସୁଲତାନିଆ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅତିଥିଗଣ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବୃହତ୍ ଶିଳ୍ପ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ହସ୍ତଶିଳ୍ପର ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରି ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ।

ସଭାକୁ ସମ୍ବୋଧିତ କରି ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଯେଉଁ ଜିଲ୍ଲା, ରାଜ୍ୟ ଓ ଦେଶର ଏମ୍ ଏସ ଏମ ଇ କ୍ଷେତ୍ର ଯେତେ ସଶକ୍ତ, ସେହି ଜିଲ୍ଲା, ରାଜ୍ୟ ଓ ଦେଶ ସେତେ ଉନ୍ନତ। ସେ ଝାରସୁଗୁଡାର ବୃହତ୍ ଶିଳ୍ପ ସଂସ୍ଥାମାନଙ୍କୁ ସ୍ଥାନୀୟ ଏମ୍ ଏସ ଏମ ଇ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ହସ୍ତଶିଳ୍ପ ଉତ୍ପାଦକଙ୍କଠାରୁ ଅଧିକରୁ ଅଧିକ ସାମଗ୍ରୀ କ୍ରୟ କରିବାକୁ ଆହ୍ୱାନ ଜଣାଇଥିଲେ, ଯାହା ଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନଙ୍କ ବଜାର ସୁଦୃଢ଼ ହେବ। ସଭାପତିତ୍ୱ ଅଭିଭାଷଣ ରେ ଜିଲ୍ଲାପାଳ କୁଣାଲ ମୋତିରାମ ଚଓ୍ୱାଣ ସମସ୍ତଙ୍କୁ ଜାତୀୟ ଏମ୍ ଏସ ଏମ ଇ ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଏମ୍ ଏସ ଏମ ଇ ହେଉଛି ଦେଶର ଅର୍ଥନୀତିର ମେରୁଦଣ୍ଡ। ଯୁବପିଢ଼ି କେବଳ ଚାକିରି ଖୋଜିବା ପରିବର୍ତ୍ତେ ଉଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହେବା ଦିଗରେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ।

ଶେଷରେ ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଜିଲ୍ଲାପାଳ କୁଣାଲ ମୋତିରାମ ଚଓ୍ୱାଣ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପ ଉଦ୍ୟୋଗ ର ବହୁ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗ ର ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୦୨୬ରେ ୩୦ଟି ଷ୍ଟଲରେ ଶିଳ୍ପ ଓ ସ୍ଥାନୀୟ ଉତ୍ପାଦର ଆକର୍ଷଣୀୟ ପ୍ରଦର୍ଶନୀ ଆଜି ଠାରୁ ଜୁଲାଇ ମାସ ୧ ତାରିଖ ପର୍ଯ୍ୟନ୍ତ(ପାଂଚ ଦିନ)ପ୍ରଦର୍ଶିତ ହେବ । ଆଜିର ଏହି ଜାତୀୟ ଏମ୍ଏସ୍ଏମ୍ଇ ଦିବସ ଅବସରରେ ଆୟୋଜିତ ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ-୨୦୨୬ରେ ମୋଟ ୩୦ଟି ପ୍ରଦର୍ଶନୀ ଷ୍ଟଲ ମାଧ୍ୟମରେ ବୃହତ୍ ଶିଳ୍ପ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଏବଂ ବିଭିନ୍ନ ସରକାରୀ ବିଭାଗ ସେମାନଙ୍କ ଉତ୍ପାଦ ଓ ସେବାର ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀରେ ଏମ୍ସିଏଲ, ଓପିଜିସି ଆଇବି ଥର୍ମାଲ୍, ବାନହରପାଲି, ଟିଆରଏଲ୍ କ୍ରୋସାକି ଲିମିଟେଡ୍, ବେଲପାହାଡ଼ ଏବଂ ଅଲ୍ଟ୍ରାଟେକ୍ ସିମେଂଟସ୍ ଲିମିଟେଡ୍ ପରି ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକ ସେମାନଙ୍କର ଉତ୍ପାଦ, ଅତ୍ୟାଧୁନିକ ପ୍ଲାଂଟ ପ୍ରକ୍ରିୟା ଓ ଶିଳ୍ପ ପରିଚାଳନା ସମ୍ପର୍କିତ ସୂଚନା ପ୍ରଦର୍ଶନ କରିଥିଲେ। ସେହିପରି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପକ୍ଷରୁ ଏମ୍ସିସି ପ୍ୟାନେଲ୍, ପାନୀୟ ଜଳ ବୋତଲ, ବ୍ରେଡ୍, କୁକିଜ୍ ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ, ବ୍ୟାୟାମ ଓ ଫିଟନେସ୍ ଉପକରଣ, ରେଡିମେଡ୍ ପୋଷାକ ଆଦି ପ୍ରଦର୍ଶିତ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆଚାର, ପାପଡ଼ ସମେତ ବିଭିନ୍ନ ଘରୋଇ ଉତ୍ପାଦ ପ୍ରଦର୍ଶନ କରିଥିଲେ। ଏହାବ୍ୟତୀତ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ଏଫ୍ପିଓ, ହସ୍ତଶିଳ୍ପ କ୍ଷେତ୍ରର ବିଭିନ୍ନ ଉତ୍ପାଦ ସହ ଟିଆରଏଲ-ଏସ୍ସିଆଇ ଆରସେଟିର ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ପ୍ରଦର୍ଶନୀ ସ୍ଥାନୀୟ ଉଦ୍ୟୋଗୀ, ମହିଳା ସ୍ୱାବଲମ୍ବନ ଓ ଜିଲ୍ଲାର ଶିଳ୍ପ ସମ୍ଭାବନାକୁ ଏକ ସଶକ୍ତ ମଂଚ ପ୍ରଦାନ କରିଛି।

# ପେଟ୍ରୋଲ- ରନ୍ଧନ ଗ୍ୟାସ ୟୁନିଟ୍‌ରେ ନିୟମିତ ଚଢ଼ଉ ଦାବି

ଜୟପୁର, ୨୮/୦୬ (ନି.ପ୍ର): ପ୍ରତିଦିନ ଗ୍ରାହକ ମାନେ ବିଭିନ୍ନ ଆଳରେ ଠକାମୀର ଶିକାର ହେଉଛନ୍ତି । ଏଭଳି ପରିସ୍ଥିତିରେ କୋରାପୁଟ ଜିଲାର ଗ୍ରାହକ ମାନେ ପେଟ୍ରୋଲ ଓ ରନ୍ଧନ ଗ୍ୟାସ କ୍ରୟ ବେଳେ ଠକାମୀର ଶିକାର ହେଉଥିବା ଅଭିଯୋଗ ଆସୁଛି । ଉକ୍ତ ଅଭିଯୋଗର ସମାଧାନ ପାଇଁ ଏହି ଦୁଇଟି କ୍ଷେତ୍ରରେ ନିୟମିତ ବିଭାଗ ପକ୍ଷରୁ ତଦାରଖ ସହ ଅଚାନକ ଚଢ଼ଉ ପାଇଁ ଦାବୀ ଜୋର ଧରିଛି । ଏବେ ସାଧାରଣ ଜୀବନରେ ପେଟ୍ରୋଲ ଓ ଲିକ୍ୟୁଫାଏଡ ପେଟ୍ରୋଲିୟମ ଗ୍ୟାସ ଏଲପିଜି ଅତ୍ୟାବଶ୍ୟକ ଦ୍ରବ୍ୟ ପାଲଟିଛି । ବିଭିନ୍ନ କମ୍ପାନୀ ବା ଏଜେନ୍ସି ଦ୍ୱାରା ଏହି ଗ୍ରାହକଙ୍କୁ ବଣ୍ଟନ କରାଯାଉଛି । ଏଥିପାଇଁ କୋରାପୁଟ ଜିଲା ୧୪ଟି ବ୍ଲକ ଅଂଚଳରେ ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସି ମଧ୍ୟ ରହିଛି । ମାତ୍ର ସେଠାରେ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉ ନଥିବାରୁ ଗ୍ରାହକ ଠକାମୀରେ ଶିକାର ହେଉଛନ୍ତି । ଗ୍ରାମାଞ୍ଚଳ ବିଭିନ୍ନ ଅଂଚଳରେ ୩ରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ଅଛି । ଏହି ସବୁ ପେଟ୍ରୋଲ ପମ୍ପ ଗୁଡିକରେ ପ୍ରତିଦିନ ହଜାର ହଜାର ଗ୍ରାହକ ନିଜର ବାଇକ, ଚାରି ଚକିଆ ଓ ଭାରୀ ଯାନରେ ପେଟ୍ରୋଲ ଓ ଡିଜେଲପକାଉଛନ୍ତି । ଏଥିରେ ଲକ୍ଷାଧିକ ଟଙ୍କା ବ୍ୟବସାୟ ହେଉଛି । ମାତ୍ର ଏଥିରେ ଗ୍ରାହକଙ୍କୁ ଅଭିନବ ଭାବେ ଠକା ଯାଉଛି । ଗ୍ରାହକ ଯେତେ ଟଙ୍କାର ପେଟ୍ରୋଲ କ୍ରୟ କରୁଛନ୍ତି ; ସେତିକି ଟଙ୍କାର ପେଟ୍ରୋଲ ନ ମିଳି କମ୍ ମିଳୁଛି । ସବୁ ପେଟ୍ରୋଲ ପମ୍ପ ନୁହେଁ କିଛି ପେଟ୍ରୋଲ ପମ୍ପରେ ଏଭଳି ବେଆଇନ କାମ କରାଯାଉଛି । ନିୟମ ମୁତାବକ ଗ୍ରାହକଙ୍କ ଜାଣିବା ଉଦ୍ଦେଶ୍ୟରେ ପ୍ରତି ପେଟ୍ରୋଲ ପମ୍ପଗୁଡିକରେ ବୈଧ ମାପ ବିଭାଗ ପକ୍ଷରୁ ମିଳିଥିବା ଯାଞ୍ଚ ପ୍ରମାଣ ପତ୍ର ଲଗାଯିବା ବାଧ୍ୟତାମୂଳକ । ଏହା ବ୍ୟତୀତ ଗ୍ରାହକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜାରି ହୋଇଥିବା ବିଭିନ୍ନ ହେଲ୍ପ ଲାଇନ ସାର୍ବଜନୀନ କରାଯିବା ଉଚିତ । ମାତ୍ର ଅଧିକାଂଶ ପେଟ୍ରୋଲ ପମ୍ପ ଗୁଡିକ ଏହା କରୁନଥିବା ଅଭିଯୋଗଆସିଛି । ସମାନ ସମସ୍ୟା ଏଲପିଜି ଗ୍ୟାସ କ୍ଷେତ୍ରରେ ଦେଖିବାକୁ ମିଳୁଛି । ରୋଷେଇରେ ଏଲପିଜି ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା ସାଧାରଣ ଲୋକଙ୍କୁ ବଣ୍ଟନ କରାଯାଉଛି । ଏଥିପାଇଁ ସବସିଡ଼ି ବ୍ୟବସ୍ଥା ମଧ୍ୟ କରାଯାଉଛି । କୋରାପୁଟ ଜିଲାର ୧୪ଟି ବ୍ଲକ, ପୌରାଞ୍ଚଳର, ଏନଏସି ନଚେତ ନିକଟସ୍ଥ ବ୍ଲକ ଅଂଚଳରେ କିଛି ଏଜେନ୍ସିଙ୍କୁ ଏହାର ବଣ୍ଟନ ଦାୟିତ୍ୱ ଦିଆଯାଇଛି । ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସେମାନେ ଏହି ଏଲପିଜି ଯୋଗାଇ ଦେଉଛନ୍ତି ।

# ଏନଏଲସି ଇଣ୍ଡିଆ ଲିମିଟେଡ଼ ପକ୍ଷରୁ ସ୍ୱଚ୍ଛତା ସଚେତନତା ପଦଯାତ୍ରା ସହ ସଫେଇ ଅଭିଯାନ

ସମ୍ବଲପୁର, ୨୮/୦୬ (ନି.ପ୍ର): ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ପାଳିତ ସ୍ୱଚ୍ଛତା ପକ୍ଷୱାଡା-୨୦୨୬ ଅବସରରେ ଏନଏଲସି ଇଣ୍ଡିଆ ଲିମିଟେଡ଼ (ଏନଏଲସିଆଇଏଲ), ତାଳବୀରା ଓସିପି-ଦ୍ୱିତୀୟ ଓ ତୃତୀୟ ପ୍ରକଳ୍ପ ପକ୍ଷରୁ ଆଜି ସମ୍ବଲପୁରରେ ଏକ ସ୍ୱଚ୍ଛତା ସଚେତନତା ପଦଯାତ୍ରା ଓ ବ୍ୟାପକ ସଫେଇ ଅଭିଯାନ ଆୟୋଜନ ହୋଇଯାଇଛି । ଆଜି ସକାଳ ୬.୩୦ ଘଟିକାରେ ପ୍ରକଳ୍ପ କାର୍ଯ୍ୟାଳୟରୁ ଏହି ସଚେତନତା ପଦଯାତ୍ରା ଆରମ୍ଭ ହୋଇ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ ପହଂଚିଥିଲା। ଏଥିରେ କର୍ମଚାରୀ, ଅଧିକାରୀ, ଠିକା ଶ୍ରମିକ, ସେମାନଙ୍କ ପରିବାର ସଦସ୍ୟ ଓ ବିଭିନ୍ନ ହିତାଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ ସମୟରେ ରେଳ ଷ୍ଟେସନ ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜନସାଧାରଣଙ୍କୁ ସ୍ୱଚ୍ଛ ପରିବେଶ ରକ୍ଷା ପାଇଁ ସଚେତନ କରାଯାଇଥିଲା। ଶ୍ରୀ ଜଗଦୀଶ ଚନ୍ଦ୍ର ମଜୁମଦାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପ୍ରକଳ୍ପ ମୁଖ୍ୟ ଏବଂ ରଘୁନାଥ ବେହେରା, ସିଜିଏମ୍ (ଭୂମି)ଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାମିଲ ସେଲଭମ୍ ପି., ଜିଏମ୍ (ଖଣି), ରବିଶଙ୍କର ଭି., ଜିଏମ୍ (ଇ ଆଣ୍ଡ ଏମ୍), ସୁବ୍ରତ କୁମାର ବିଶ୍ୱାଳ, ଏଚଓଏଚଆର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଏହି ପଦଯାତ୍ରା ସ୍ୱଚ୍ଛତା ପକ୍ଷୱାଡା-୨୦୨୬ ଅନ୍ତର୍ଗତ ଚାଲିଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଏକ ଅଂଶ ହୋଇଥିବା ବେଳେ ଗତ ୧୬ ଜୁନରୁ ସ୍ୱଚ୍ଛତା ଶପଥ, କାର୍ଯ୍ୟାଳୟ ସଫେଇ, ଲାଣ୍ଡୁପାଲି ପୁନର୍ବାସ କଲୋନୀରେ ବ୍ୟାପକ ସଫେଇ ଅଭିଯାନ, କପଡ଼ା ଓ ଜୁଟ୍ ବ୍ୟାଗ ବଣ୍ଟନ, ଡଷ୍ଟବିନ ବଂଟନ, ପ୍ଲାଷ୍ଟିକ ଦୂଷଣ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, କର୍ମଚାରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ପ୍ରମୁଖ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଛି। ଆଗାମୀ ଦିନରେ ବୃକ୍ଷରୋପଣ, ଚାରା ବଂଟନ ଓ ଅନ୍ୟାନ୍ୟ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ସଂସ୍ଥା ପକ୍ଷରୁ କୁହାଯାଇଛି । ଏହି ଅବସରରେ ଶ୍ରୀ ଜଗଦୀଶ ଚନ୍ଦ୍ର ମଜୁମଦାର କହିଥିଲେ ଯେ, ସ୍ୱଚ୍ଛତା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ସମସ୍ତେ ନିଜ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଅଭ୍ୟାସରେ ପରିଣତ କରି ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭାରତ ଗଠନରେ ସହଯୋଗ କରିବାକୁ ସେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସ୍ୱଚ୍ଛ ଭାରତ ମିଶନର ଆଦର୍ଶକୁ ଅନୁସରଣ କରି ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ସଦା ସଚେଷ୍ଟ ରହିବାକୁ ସଂକଳ୍ପ ଗ୍ରହଣ କରିଥିଲେ ।

# ଗେଙ୍ଗୁଟି ନଦୀ ଆଡ଼ିରୁ ବେଆଇନ ମାଟି-ବାଲି ଉତ୍ତୋଳନ: ବନ୍ୟା ବିପଦ ବଢ଼ାଉଛି ଖୋଲମଖୋଲା ଖନନ, ପ୍ରଶାସନ ନିରବ

ଭଦ୍ରକ, ୨୮/୦୬ (ନି.ପ୍ର): ଏହି ଜିଲାର ଧାମନଗର ତହସିଲ ଅଧୀନ ଖଡିପଦା ପଂଚାୟତର ଗେଙ୍ଗୁଟି ନଦୀର କାଞ୍ଜିଆପାଳ ଏସକେପ ନିକଟ ଶୁକଦେବ ହୁସେନ ମୌଜାର ପ୍ଲଟ୍ ନଂ- ୫୬୮ରେ ଥିବା ସରକାରୀ ଅନାବାଦୀ ନଦୀ ଆଡ଼ି ଏବଂ ପାର୍ଶ୍ୱବର୍ତ୍ତୀ ପ୍ଲଟ୍ ନଂ- ୫୬୫ର ରକ୍ଷିତ ଅନାବାଦୀ ଜମିରୁ ବେଆଇନ ଭାବେ ମାଟି ଓ ବାଲି ଉତୋଳନ ହେଉଥିବା ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ଦିହିପହରେ ପକଲିନ୍ ମେସିନ୍ ଓ ଟ୍ରାକ୍ଟର ସାହାଯ୍ୟରେ ଖୋଲାଖୋଲି ଖନନ କରି ମାଫିଆମାନେ ବଡ଼ ବଡ଼ ପୋଖରୀ ସୃଷ୍ଟି କରିସାରିଥିବା ଅଭିଯୋଗ ହୋଇଛି। ଏ ନେଇ ସମାଜସେବୀ ତଥା ଖଡିପଦା ସରପଞ୍ଚଙ୍କ ପ୍ରତିନିଧି ଭଗବାନ ଦାସ ଧାମନଗର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରାୟ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ମାଟି ତାଡ଼ିବା ପରେ ବାଲିର ସ୍ତର ବାହାରୁଛି। ଉକ୍ତ ମାଟି ଓ ବାଲିକୁ ନିକଟସ୍ଥ ଇଟାଭାଟିକୁ ବିକ୍ରି କରାଯାଉଥିବା ବେଳେ ବିଭିନ୍ନ ଗ୍ରାମକୁ ମଧ୍ୟ ସପ୍ଲାଇ କରାଯାଉଛି। ଏହାଛଡ଼ା ମାଟି ଓ ବାଲିକୁ ପ୍ରଥମେ ବିଭିନ୍ନ ବ୍ୟକ୍ତିଗତ ବାଡ଼ି ଓ ସରକାରୀ ଜମିରେ ଗଚ୍ଛିତ ରଖି ପରେ ଅଧିକ ଦାମରେ ବିକ୍ରି କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏଭଳି ଖନନ ଯୋଗୁଁ ସେଠାରେ ବଡ଼ ବଡ଼ ପୋଖରୀ ସୃଷ୍ଟି ହେବା ସହ ଏସକେପ ପାଇଁ ବିପଦ ସୃଷ୍ଟି ହେଉଛି ଓ ଏଠାରେ ଏକ ନୂତନ ନଦୀ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏହି ଖନନ ସ୍ଥାନରେ ଯଦି ଭୁଲବଶତଃ କୌଣସି ଗୋରୁ, ଗାଇ କିମ୍ବା ମଣିଷ ସେଥିରେ ପଡ଼ିଯାଆନ୍ତି, ତେବେ ସେମାନଙ୍କ ବଂଚିବା ମୁସ୍କିଲ ହୋଇପଡ଼ିବ। ତେବେ ନଦୀ ଆଡ଼ିରୁ ଏଭଳି ବେପରୁଆ ମାଟି ଓ ବାଲି ଉତୋଳନ ଫଳରେ ଆଡ଼ି ଦୁର୍ବଳ ହେବା ସହ ବର୍ଷା ଓ ବନ୍ୟା ସମୟରେ ନଦୀର ପ୍ରବଳ ସ୍ରୋତରେ ଆଡ଼ି ଭାଙ୍ଗି ନିକଟସ୍ଥ ଚାଷଜମି, ଜନବସତି ଓ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି। ଏହା ସହ ନଦୀର ସ୍ୱାଭାବିକ ପ୍ରବାହ ଓ ପରିବେଶ ସନ୍ତୁଳନ ମଧ୍ୟ ବ୍ୟାହତ ହେବା ଜଣାପଡିଛି ।ଏତେ ବଡ଼ ଧରଣର ବେଆଇନ ଖନନ କାର୍ଯ୍ୟ ଦୀର୍ଘଦିନ ଧରି ଚାଲୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ଘଟଣାର ତଦନ୍ତ କରି ବେଆଇନ ଖନନ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ସହ ଯୋଗାଯୋଗ ପାଇଁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ। ଫଳରେ ତାଙ୍କ ପ୍ରତିକ୍ରିୟା ମିଳିପାରିନଥିଲା। ଅନ୍ୟପକ୍ଷରେ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ଆମ ପାଖରେ ଅଭିଯୋଗ ପହଂଚିଛି। ନଦୀକୂଳ ଘଂଚ ଜଙ୍ଗଲିଆ ହୋଇଥିବାରୁ ସେଠାକୁ ଗାଡ଼ି ଯିବା ପାଇଁ ସୁବିଧାଜନକ ରାସ୍ତା ନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟକ୍ତିମାନେ ବେଆଇନ ମାଟି ଓ ବାଲି ଉତୋଳନ କରୁଛନ୍ତି। ତେବେ ଖୁବ୍ ଶୀଘ୍ର ସେଠାରେ ଚଢ଼ାଉ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ।

# କଂଗ୍ରେସର ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମ: ନିଟ୍ ପେପର ଲିକ୍ ପାଇଁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ କଂଗ୍ରେସ ମୁଖପାତ୍ର

କନ୍ଧମାଳ, ୨୮/୦୬ (ନି.ପ୍ର): ଫୁଲବାଣୀ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ସୁଶ୍ରୀ ଅମିତା ବିଶ୍ୱାଳ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ନିଟ୍ ପେପର ଲିକ୍ ସମ୍ବନ୍ଧରେ ଗଭୀର କ୍ଷୋଭ ପ୍ରକଟ କରି କହିଲେ ଯେ କେନ୍ଦ୍ର ଶିକ୍ଷା ବିଭାଗ ଗୋଟିଏ ସଂସ୍ଥାକୁ ଦୋଷ ଦେଇ ଚୁପ୍ ବସିଗଲେ ହେବ ନାହିଁ ବରଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ଉଚିତ। ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳୁଛି ବିଜେପି ସରକାର। ଗରିବ ଛାତ୍ର ଛାତ୍ରୀଙ୍କ ମା ବାପାଙ୍କ ସ୍ୱପ୍ନ ଧୂଳିସାତ ହେଲା। ଛାତ୍ର ଛାତ୍ରୀ ମୃତ୍ୟୁବରଣ କଲେ! ଏପଟେ ରାଜ୍ୟ ଶିକ୍ଷା ବିଭାଗରେ ବେପରୁଆ କାରବାର ଯୋଗୁଁ ପିଲାଙ୍କ ବହିରେ ୧୭ ଶହ ତ୍ରୁଟି ପରିଲକ୍ଷିତ ହୋଇଛି। ଗଣିତ ବହିରେ ରଜ ଦୋଳିଖେଳ ଓ ଇତିହାସ ବହିରେ କର୍ଣ୍ଣାଟକ ଏସେମ୍ବଲିକୁ ଦେଖାଇ କୋଣାର୍କ ମନ୍ଦିର ବୋଲି ଉଲ୍ଲେଖ ରହିଛି ବୋଲି ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ତଥା ପିସିସି ପର୍ଯ୍ୟବେକ୍ଷିକା ସୁଶ୍ରୀ ଅମିତା ବିଶ୍ୱାଳ ସମାଲୋଚନା କରିଛନ୍ତି। ଛାତ୍ରୋଂ କି ଗୁଞ୍ଜ "ଆଲୋଚନା ଚକ୍ରରେ ଏକ ସ୍କାନରରେ ଛାତ୍ରଙ୍କୁ ଯୋଡ଼ି ହେବାପାଇଁ ଆହ୍ୱାନ ଦେଇଛନ୍ତି ରାହୁଲ ଗାନ୍ଧୀ। କୋଟାରେ ଦେଇଥିବା ଭାଷଣର ଏକ ଭିଡ଼ିଓ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ସଭାପତିତ୍ୱ କରି ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ ଆଇନଜୀବି ଚନ୍ଦ୍ର ଶେଖର ପରିଡ଼ା କହିଲେ ନିଟ୍ ପେପେର ଲିକ୍‌ର ସମସ୍ୟା ନେଇ ଫୁଲବାଣୀର ପ୍ରତ୍ୟେକ କଲେଜର ଛାତ୍ର ଛାତ୍ରୀଙ୍କୁ ସଚେତନ କରିବା ପାଇଁ ଛାତ୍ର କଂଗ୍ରେସ ଓ ନେତା ସଚେତନ କରାଇବା ପାଇଁ ଗସ୍ତ କରିବେ। ଆବଶ୍ୟକ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଘୁ. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ମତ ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କର ଛାତ୍ରମାରଣ ନୀତି ଚାଲିଛି। ପ୍ରଧାନ ମନ୍ତ୍ରୀ ମନକି ବାତ୍‌ରେ କିଏ ଆଚାର କଲା, କିଏ ଚାଷ କଲା, କିଏ ଲାଖପତି ଦିଦି ଏସବୁ ଆଲୋଚନା କରୁଛନ୍ତି କିନ୍ତୁ କିଏ ମନ୍ଦିରରୁ ୨ ଶହ କୋଟି ଚୋରି କଲା, ନିଟ୍ ପେପେର ଲିକ୍, ଛାତ୍ର ଛାତ୍ରୀ ଆତ୍ମହତ୍ୟା ଓ ମହିଳା ଭତା ନ ମିଳିବା ଆଲୋଚନା ହେଉ ନାହିଁ। ଦିଲ୍ଲୀର ଝିଅକୁ ରାୟଗଡ଼ାରେ ମାଡ଼ମରା ଓ ବସ୍ତ୍ରହରଣ କଥା ଆଲୋଚନା କରୁନାହାନ୍ତି ବୋଲି କହି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ କଂଗ୍ରେସର ଜିଲ୍ଲା ଉପ-ସଭାପତି ରଜତ ମହାନ୍ତି, ଗୀତାଞ୍ଜଳି କହଁର, ନନ୍ଦ କିଶୋର ଦାସ, ନଗର ସଭାପତି ସୁବଳ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭାନେତ୍ରୀ ସୁଶ୍ରୀ ସଂଯୁକ୍ତା ପ୍ରଧାନ, ଯୁବ କଂଗ୍ରେସ ସମ୍ପାଦକ ସଞ୍ଜୟ କହଁର, ଉପସଭାପତି ହେମନ୍ତ କର, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧନୁପାଲି ପୋଲିସ ଦ୍ୱାରା ବେଆଇନ କଫ ସିରପ୍ ଜବତ: ଜଣେ ଗିରଫ

ସମ୍ବଲପୁର, ୨୮/୦୬ (ନି.ପ୍ର): ସ୍ଥାନୀୟ ଧନୁପାଲି ଥାନା ଅଂଚଳରେ ପୋଲିସ ବେଆଇନ ନିଶାଦ୍ରବ୍ୟ କାରବାର ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କଫ୍ ସିରପ୍ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଧନୁପାଲି ଥାନା ଅଂଚଳରେ ନିଷେଧାଦେଶ ଥିବା କୋଡିନ ଯୁକ୍ତ କଫ୍ ସିରପ ବେଆଇନ ଭାବେ ବିକ୍ରି ଓ ଚୋରାଚାଲାଣ ହେଉଥିବା ନେଇ ପୋଲିସ ସୂଚନା ପାଇଥିଲେ। ଏହାକୁ ଆଧାର କରି ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗତକାଲି ଚଢ଼ାଉ କରି ଉକ୍ତ କଫ୍ ସିରପ୍ ବୋତଲଗୁଡ଼ିକୁ ଜବତ କରିବା ସହ ଘଟଣାରେ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଧନୁପାଲି ଥାନା ଅନ୍ତର୍ଗତ ମହାବୀର ପଡ଼ାର ବବୁଲୁ ତିୱାରୀ(୩୨)। ଏହି ମାମଲାରେ ଧନୁପାଲି ଥାନା କେସ୍ ନମ୍ବର ୨୨୧/୨୬ ଉପରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୭୬/୨୭୭ ଏବଂ ଓଡ଼ିଶା ଅବକାରୀ ଆକ୍ଟ ୨୦୦୮ର ଧାରା ୫୨(କ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ଆବଶ୍ୟକୀୟ କାଗଜପତ୍ର କାର୍ଯ୍ୟାନୁଷ୍ଠାନ ଶେଷ ହେବାପରେ ଆଜି ଅଭିଯୁକ୍ତ ବବୁଲୁ ତିୱାରୀକୁ କୋର୍ଟ ଚାଲାଣ କରାଯାଇଛି। ଅଂଚଳକୁ ନିଶାମୁକ୍ତ କରିବା ପାଇଁ ପୋଲିସର ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ପୋଲିସ ସୂଚନା ଦେଇଛି।

# ବାଲେଶ୍ୱର ଜିଲ୍ଲାର ବାରବାଟୀ ଓଲନ୍ଦାଜ୍ ସାହିରେ ଗଙ୍ଗା ଦେବୀଙ୍କ ବାର୍ଷିକ ଉତ୍ସବ



ବାଲେଶ୍ୱର, ୨୮/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀ ର ଓଲନ୍ଦାଜ୍ ସାହିରେ ଗଙ୍ଗା ଦେବୀ ଙ୍କ ବାର୍ଷିକ ଉତ୍ସବ ସଭାପତି ଶ୍ରବଣ କୁମାର କରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଗଙ୍ଗା ଦେବୀଙ୍କ ଉତ୍ସବ ପ୍ରାୟ ୨୦୦ ରୁ ଅଧିକ ବର୍ଷ ହେବ ମାତ୍ର ପଥର ପ୍ରତିମା ହେବାର ଏହା ୨୫ ବର୍ଷ ତଥା ସିଲଭର୍ ଯୁବ୍ଲି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ମାଙ୍କ ବାର୍ଷିକ ଉତ୍ସବ,୨୪ ତାରିଖରେ କାର୍ଯ୍ୟ କାରୀ ସଭାପତି ଅଜୟ କୁମାର ରଣା ଦ୍ୱାରା ବାଲିଘାଟ ରୁ କଳସ ଯାତ୍ରା ବିଭିନ୍ନ ପ୍ରକାରର ବାଦ୍ୟ ଖୁଳ ଓ କୁବଜି ରେ ବିରାଟ ପଟୁଆରରେ ନଗର ପରିକ୍ରମା କରି ଗଙ୍ଗା ମନ୍ଦିର ପୀଠରେ ପହଞ୍ଚି ଥିଲା । ବ୍ରାହ୍ମଣ ମାନଙ୍କ ଦ୍ୱାରା ହୋମ ଯଜ୍ଞ ପୂଜା ପାଠ ୪ ଦିନ ଧରି ହୋଇଥିଲା ଏପରିକି ୩ ଦିନ ଧରି ଭଜନ ସନ୍ଧ୍ୟା , ଅର୍କେଷ୍ଟ୍ରା , ଗୌଡୀୟ ମଠ ଦ୍ୱାରା ସଙ୍କୀର୍ତ୍ତନ ସଭା ଓ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶେଷ ଦିନରେ ଆତସ ବାଜି କାର୍ଯ୍ୟକ୍ରମ ସଙ୍ଗେ ସଙ୍ଗେ, ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏପରିକି ୪୦୦୦ ରୁ ଉର୍ଦ୍ଧ୍ୱ ଲୋକ ପ୍ରସାଦ ସେବନ କରିଥିଲେ । ପୌରାଣିକ ମତରେ ମାଙ୍କ ପ୍ରସାଦ ସେବନ କଲେ ପାପରୁ ମୁକ୍ତି ମିଳିଥାଏ ବୋଲି କିମ୍ବଦନ୍ତୀ ରହିଛି । ତେଣୁ ଏହି ପ୍ରସାଦ ସେବନ ରେ ଅତିଥି ଭାବେ ବାଲେଶ୍ୱର ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ , ଭାଗବତ ସାହୁ , ସମାଜ ସେବୀ ଆଶ୍ରିତା ତରେଇ , ସଦର ବିଧାୟକ ଭୁବନେଶ୍ୱର କାର୍ଯ୍ୟ ବ୍ୟସ୍ତ ଥିବାରୁ ତାଙ୍କ ଏସିଷ୍ଟାଣ୍ଟ ବିଜେପି ଯୁବନେତା ସାମଜ୍ ସେବୀ ଗୌରାଙ୍ଗ ଦାସ , ବିଜେପି ୨୪ ନମ୍ବର ୱାର୍ଡ ସଭାପତି ଆଶୋକ ଦାସ , ପୂର୍ବତନ ବିଜେପି କାଉନସିଲର ମିହିର ବାରିକ , ପୂର୍ବତନ କାଉନସିଲର ସନ୍ଧ୍ୟାରାଣୀ ମାଝୀ, ମୀନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଗଙ୍ଗା ଦେବୀଙ୍କ ବାର୍ଷିକ ଉତ୍ସବରେ ସୁଶାନ୍ତ ବାରିକ , ସନ୍ଦୀପ୍ତ କୁମାର ସାମନ୍ତ , ଯୋଗେନ୍ଦ୍ର ଖିଲାର , ଗୋପୀନାଥ ସେଠୀ , ନରେନ୍ଦ୍ର ଖିଲାର , ଜୟନ୍ତ କର , ସଞ୍ଜୟ ମହାରଣା , ଜ୍ୟୋତିରଂଜନ ପତି , ସଞ୍ଜୟ ରଣା , ଖଗେଶ୍ୱର ମହାପାତ୍ର, ବସନ୍ତ ମାଝୀ , ରବୀନ୍ଦ୍ର ସାହୁ , ରବୀନ୍ଦ୍ର ବେହେରା , ରାଜେଶ ପାଲ , କାର୍ତ୍ତିକ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡି ନେତା ତ୍ରିନାଥ ଗୁଆଲଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ସଭା

ଝାରସୁଗୁଡ଼ା, ୨୮/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ପୂର୍ବତନ ଜିଲ୍ଲା ଯୁବ ବିଜେଡି ସଭାପତି, ପୂର୍ବତନ ଓକିଲ ସଂଘ ସଭାପତି ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ପରଲୋକରେ ଶନିବାର ଅପରାହ୍ନରେ ଝାରସୁଗୁଡ଼ା ସରବାହାଲ ସ୍ଥିତ ଏକ ଘରୋଇ ହୋଟେଲ ଠାରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ସଭା ତଥା ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାର ପ୍ରାରମ୍ଭରେ ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତ ନେତୃବୃନ୍ଦ, କର୍ମୀ ଓ ସମର୍ଥକ ସ୍ୱର୍ଗତ ଗୁଆଲଙ୍କ ଅମର ଆତ୍ମାର ସଦ୍ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସଭାରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସ୍ୱର୍ଗତ ଗୁଆଲଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ତ୍ୟାଗ, ନିଷ୍ଠା ଓ ସଂଗଠନ ପ୍ରତି ଥିବା ଅତୁଳନୀୟ ଅବଦାନକୁ ମନେ ପକାଇ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଉପସ୍ଥିତ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ଝାରସୁଗୁଡାର ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ଦୀପାଳୀ ଦାସ, ରାଜ୍ୟ ବିଜେଡିର ବରିଷ୍ଠ ଯୁବନେତା ସଂଜିତ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜୟନ୍ତୀ ବାହୁକ, ପିଣ୍ଟୁ ପାଢ଼ୀ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥି, ଜଗନ୍ନାଥ ଜେନା, ରାଧାରାଣୀ ପଣ୍ଡା, ରଘୁମଣି ପଟେଲ, ରବି ସିଂ, ବିଶ୍ୱନାଥ ନାୟକ, ରାଣୀ ହାତୀ, ଚିତ୍ରେଣୀ ପଟେଲ, ପ୍ୟାରେଲାଲ ଶ୍ରୀବାସ୍ତବ, ରୋବିନ ପାଣ୍ଡେ ହିତେଶ୍ୱରୀ ଦେହେରିଆ, ଅଶୋକ ଦାସ, ପବନ ସିଂ ଯାଦବ, ନନ୍ଦୁ ଶର୍ମା, ଭବାନୀ ସାହା, ନବନୀତ କୌର, ଦୀପା ନାଏକ, ଜ୍ୟୋତି ସୁନା, ତୁଳସୀ ଦାସ, ଆଲୋକ ତ୍ରିପାଠୀ, ତୁଳାରାମ ସେନାପତି, ନକୁଳ ସାହୁଙ୍କ ସମେତ ଶତାଧିକ ବିଜେଡି ଦଳୀୟ କର୍ମୀ ଏବଂ ସ୍ଥାନୀୟ ଜନସାଧାରଣ ଏହି ଶୋକସଭାରେ ଉପସ୍ଥିତ ରହି ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଗୁଆଲଙ୍କ ବିୟୋଗ ଜିଲ୍ଲା ବିଜେଡି ତଥା ଓକିଲ ସଂଘ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସଭାରେ ମତପ୍ରକାଶ ପାଇଛି।

# ଟୋକନ ଅଭାବରୁ ମଣ୍ଡିରେ ପଡ଼ି ରହିଛି ଧାନ: ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ମଣ୍ଡିରେ ଧାରଣା

ବଲାଙ୍ଗିର, ୨୮/୦୬ (ନି.ପ୍ର): କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଧାନ ମଣ୍ଡିରେ ଟୋକନ ଅଭାବ ଯୋଗୁଁ ଚାଷୀମାନଙ୍କ ଧାନ ମାସ ମାସ ଧରି ଅବିକ୍ରିତ ଅବସ୍ଥାରେ ପଡ଼ି ରହିଥିବା ଅଭିଯୋଗ ହୋଇଛି । ଧାନ ଉଠାଣରେ ବିଳମ୍ବ ହେବାରୁ ଚାଷୀମାନେ ନିଜ ଅମଳକୁ ଖୋଲା ଆକାଶ ତଳେ ଜଗି ରହିବାକୁ ବାଧ୍ୟ ହେଉଥିବାବେଳେ ବର୍ଷା ଓ ଅନ୍ୟାନ୍ୟ ପ୍ରାକୃତିକ ବିପଦର ଭୟ ମଧ୍ୟ ବଢ଼ି ଚାଲିଛି । ଚାଷୀମାନଙ୍କ ଏହି ସମସ୍ୟାକୁ ନେଇ ବିଜୁ ଜନତା ଦଳର ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଜିତ ଯୋଶୀ ବଙ୍ଗୋମୁଣ୍ଡା ମଣ୍ଡିରେ ଚାଷୀମାନଙ୍କୁ ନେଇ ଧାରଣାରେ ବସିଥିଲେ । ସେ ତୁରନ୍ତ ଟୋକନ ବ୍ୟବସ୍ଥା ସୁଚାରୁ ଭାବେ କରି ମଣ୍ଡିରେ ପଡ଼ି ରହିଥିବା ଧାନ ଶୀଘ୍ର ଉଠାଇବାକୁ ଦାବି କରିଥିଲେ ।

# ସିପିଆଇ(ଏମ) କର୍ମୀ ସଭା : ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସିପିଆଇ(ଏମ)ର ଶକ୍ତିବୃଦ୍ଧି ପାଇଁ ଆହ୍ୱାନ




ଭଦ୍ରକ, ୨୯/୬ (ନି.ପ୍ର): ଓଡିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ 'ବିନାଶ ର ଧାରା ଓଡିଶା ସାରା ' ସଂପୂର୍ଣ୍ଣ ପରିଲକ୍ଷିତ ହୋଇଛି ବୋଲି ସିପିଆଇ(ଏମ) ଜିଲ୍ଲା କମିଟି ମତବ୍ୟକ୍ତ କରିଛି । ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟସେବା ରେ ଚରମ ଅବନ୍ନତି, ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ପ୍ରାୟ ୨୨୦୦ ତ୍ରୁଟି, ପେଟ୍ରୋଲ, ଡିଜେଲ, ସିଏନଜି ଓ ଜାଳେଣି ଗ୍ୟାସର ସଂକଟ, ଭତ୍ତା ନପାଇ ବୃଦ୍ଧ ବୃଦ୍ଧା ଆତ୍ମହତ୍ୟା କରିବା, ଧାନର ଅଭାବୀ ବିକ୍ରି ଓ ଚାଷୀ ଆତ୍ମହତ୍ୟା, ଏମ୍ ଜି ଏନ୍ ଆର ଇଜିଏ ଆଇନ ରଦ୍ଦ, ଶ୍ରମିକ ସପକ୍ଷବାଦୀ ଶ୍ରମ ଆଇନ ବାତିଲ କରିବା ଆଦି ଜନବିରୋଧି କାର୍ଯ୍ୟକ୍ରମ ବିଜେପିର 'ବିନାଶ ର ଧାରା ଓଡିଶା ସାରା ' ଓ 'ବିନାଶର ଧାରା- ଭାରତ ସାରା'କୁ ପ୍ରତିଫଳିତ କରୁଛି । ଗତ ୨ ବର୍ଷରେ ଆମ ରାଜ୍ୟରେ ୬୦୦୦୦ କୋଟି ଟଙ୍କା ଅଧିକ ଋଣ କରିବା, ରାଜ୍ୟର ୧୪ ଟି ଖଣିକୁ ବହୁଜାତୀୟ କଂପାନୀ ଗୁଡିକୁ ବିକ୍ରି କରିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବା, ଭୁବନେଶ୍ୱରରେ ଅବସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ବିକ୍ରି, ଦୈତାରୀ-ପାରାଦ୍ୱୀପ ଏକ୍ସପ୍ରେସ୍ ରାଜପଥ ଘରୋଇକରଣ, କଳିଙ୍ଗ ଅଶୋକା ହୋଟେଲ ଓ ପୁରୀରେ ଅବସ୍ଥିତ ବିଏନଆର ହୋଟେଲ ବିକ୍ରି ଘଟଣା ବିଜେପି ସରକାର ଙ୍କ ଅପାରଗତା ଓ ବିନାଶର ଧାରାକୁ ପଦାରେ ପକାଇଛି ବୋଲି ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଭଦ୍ରକରେ ଅନୁଷ୍ଠିତ ସିପିଆଇ(ଏମ) କର୍ମୀ ସଭାରେ ପ୍ରକାଶ କରିଥିଲେ । ରାଜ୍ୟରେ ବିକାଶ ମୂଳକ କାର୍ଯ୍ୟ ପରିବର୍ତ୍ତେ କେବଳ କଂଗ୍ରେସ ଓ ବିଜେଡି ସରକାର ନିର୍ମାଣ କରିଥିବା ଭିତ୍ତିଭୂମି ଉପରେ ବିଜେପି ସରକାର କେବଳ ରଙ୍ଗ ମାରିଛି ଓ ପ୍ରକଳ୍ପ ଗୁଡିକର ନାମ ବଦଳାଇଛି ବୋଲି ସିପିଆଇ(ଏମ) ରାଜ୍ୟ ନେତା ଶ୍ରୀ ଦାସ ପ୍ରକାଶ କରିଥିଲେ । ରାଜ୍ୟର ଶିକ୍ଷିତ ଯୁବକ ଯୁବତୀ କାମ ନପାଇ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ ପ୍ରତ୍ୟେକ ଦିନ ଯାଉଥିବା ବେଳେ ରାଜ୍ୟର କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ବିଜେପି କେବଳ ଉତ୍ସବ ପାଳନ କରିବା ଦୁର୍ଭାଗ୍ୟ ବୋଲି ସିପିଆଇ(ଏମ) ଉଦବେଗ ପ୍ରକାଶ କରିଛି । ବିଜେପିର ଏହି କୁକର୍ମ ଓ ଅପାରଗତା ବିରୁଦ୍ଧରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ପରାସ୍ତ କରି ସିପିଆଇ(ଏମ)ର ଶକ୍ତି ବୃଦ୍ଧି କରିବାକୁ ସିପିଆଇ(ଏମ) କର୍ମୀ ସଭାରେ ରାଜ୍ୟ ନେତା ଶ୍ରୀଯୁକ୍ତ ସନ୍ତୋଷ ଦାସ ଆହ୍ୱାନ ଜଣାଇଥିଲେ । ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସଭାରେ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ମଳୟ ଭୋଇ, କାଳନ୍ଦୀ ପାତ୍ର, ଜୟନୂଲ ଆବେଦିନ, ଗୟାଧର ସାହୁ, ଗିରିଧାରୀ ନାଥ, ବରିଷ୍ଠ ନେତା ନିରଞ୍ଜନ ପାଣି, ଗୌରାଙ୍ଗ ଯେନା, ସେକ୍ ସନାଉଲ୍ଲା, ମହିଳା ନେତ୍ରୀ ସୁରଜିତା ନାୟକ ପ୍ରମୁଖ ପାର୍ଟିର ସାଂଗଠନିକ ଶକ୍ତି ବୃଦ୍ଧି ସଂପର୍କରେ ଆଲୋଚନା କରିଥିଲେ । ଆସନ୍ତା ଜୁଲାଇ ୧ ରେ ଏମ୍ ଏନ୍ ଆର ଇଜିଏ ଆଇନ ର ପୁନଃ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ଓ ଆସନ୍ତା ଅଗଷ୍ଟ ୧୦ ତାରିଖରେ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜେଲ୍ ଭରୋ ଆନ୍ଦୋଳନ କରାଯିବା ପାଇଁ କର୍ମୀ ସଭାରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି କର୍ମୀସଭାରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ସ୍ୱାଭାବିକ ଠାରୁ ...

କୋରାପୁଟରେ ମଧ ବର୍ଷାକୁ ଦେଖି ଚାଷୀ ପ୍ରାରମ୍ଭିକ ଚାଷ କାମ ଆରମ୍ଭ କରିଥିଲେ। ହେଲେ ବର୍ଷାର ଲୁଚକାଳି ଖେଳ ସେମାନଙ୍କୁ ଚିନ୍ତାରେ ପକାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୨୩ ସୁଦ୍ଧା ସାରା ରାଜ୍ୟକୁ ଛୁଇଁ ସାରିଥିଲେ ବି ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇ ନାହିଁ। ପାଣିପାଗ ବିଜ୍ଞାନ ବିଭାଗର ତଥ୍ୟ ଅନୁସାରେ, ଜୁନ୍ ରେ ଓଡ଼ିଶାରେ ୧୯୨.୩ ମିଲିମିଟର ବର୍ଷା ହେବା କଥା। ହେଲେ ଜୁନ ୧ରୁ ୨୭ ତାରିଖ ମଧ୍ୟରେ ମାତ୍ର ୯୧.୪ ମିଲିମିଟର ବର୍ଷା ହୋଇଛି। ବିଶେଷଜ୍ଞ କହିଛନ୍ତି, କମ୍ ବର୍ଷା ହେବା ପଛରେ ଏଲ୍-ନିନୋଠାରୁ ଅଧିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ପରିବର୍ତ୍ତିତ ପାଣିପାଗକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ବୈଜ୍ଞାନିକ ପରାମର୍ଶ ଓ ଆଧୁନିକ ଚାଷ ପଦ୍ଧତି ସମ୍ପର୍କରେ ସଚେତନ କରାଯିବ। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ଶୁଭ ଖବର ଆଣିଛନ୍ତି ପାଣିପାଗ ବିଜ୍ଞାନୀ ଶରତ ସାହୁ। ସେ କହିଛନ୍ତି, କିଛି ଦିନ ହେବ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇପାରୁ ନଥିଲା। ହେଲେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ ଆସିଛି। ତାଙ୍କ ଆକଳନ ଅନୁସାରେ ଆସନ୍ତା ୩୦ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢିବ। ଜୁଲାଇ ପ୍ରଥମ ସପ୍ତାହରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି।

# ଆରୁହା ପଞ୍ଚାୟତରେ ବିନା ଅସ୍ତ୍ରୋପଚାରରେ ଜଟିଳ ରୋଗର ଚିକିତ୍ସା ଶିବିର



ଜଳେଶ୍ୱର, ୨୮/୬ (ନି.ପ୍ର): ଆଧୁନିକ ଚିକିତ୍ସା ବିଜ୍ଞାନରେ ହୋମିଓପାଥିର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷ କରି ପୁରାତନ ଏବଂ ଜଟିଳ ରୋଗଗୁଡ଼ିକର ବିନା ଅସ୍ତ୍ରୋପଚାରରେ ସଫଳ ଚିକିତ୍ସା କରି ଜନସାଧାରଣଙ୍କ ମଧ୍ୟରେ ଏକ ନୂତନ ଆଶା ସଞ୍ଚାର କରିଛନ୍ତି ଜଳେଶ୍ୱରର ସୁନାମଧନ୍ୟ ହୋମିଓପାଥି ଅନୁଷ୍ଠାନ 'ଜଗନ୍ନାଥ ହୋମିଓ କ୍ଲିନିକ'। କଲିକତାର ପ୍ରସିଦ୍ଧ ହୋମିଓପାଥି ବିଶେଷଜ୍ଞ ଡା.ପ୍ରଶାନ୍ତ ବାନର୍ଜୀଙ୍କ ସୁନାମଧନ୍ୟ ଛାତ୍ର ତଥା ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଚିକିତ୍ସକ ଡା.ଚନ୍ଦନ ଭଞ୍ଜ ଆଜି ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତରେ ବିନା ଅସ୍ତ୍ରୋପଚାରରେ ଜଟିଳ ରୋଗର ଚିକିତ୍ସା ଶିବିର ଆୟୋଜନ କରିଥିଲେ। ଆନ୍ତର୍ଜାତୀୟ ହୋମିଓପାଥିକ ରିସର୍ଚ୍ଚ ସୋସାଇଟିର ସଦସ୍ୟ ଥିବା ଡା.ଭଞ୍ଜଙ୍କ କହିବା ଅନୁଯାୟୀ, ଅନେକ ଜଟିଳ ରୋଗ ଯେପରିକି ହାର୍ଟ ସମସ୍ୟା, ଆଣ୍ଠୁ ଓ ଗଣ୍ଠି ବ୍ୟଥା, କମର ଯନ୍ତ୍ରଣା, ବ୍ରେନ୍ ଏବଂ ଲିଭର ସମ୍ବନ୍ଧୀୟ ସମସ୍ୟା,ଜଣ୍ଡିସ୍, ପିତ୍ତକୋଷ ପଥର, ଏପେଣ୍ଡିସାଇଟିସ୍, ବିଭିନ୍ନ ପ୍ରକାରର ଚର୍ମରୋଗ,ପେଟ ଟ୍ୟୁମର, ଡାଇବେଟିସ୍ ଏବଂ କିଡ୍ନି ଷ୍ଟୋନ୍ ଭଳି ବହୁ ପୁରାତନ ରୋଗର ୧୦୦% ଗ୍ୟାରେଣ୍ଟି ସହ ସଫଳ ଚିକିତ୍ସାର ସୁବିଧା ଦେଇପାରିବେ।ସବୁଠାରୁ ବଡ଼ କଥା ହେଉଛି,ଏହି ସବୁ ରୋଗ ପାଇଁ ରୋଗୀଙ୍କୁ କୌଣସି ଅସ୍ତ୍ରୋପଚାରର ସାମ୍ନା କରିବାକୁ ପଡ଼ିବ ନାହିଁ।ଆଜି ଏହି ଶିବିରରେ ପ୍ରାୟ ୭୦ ରୁ ଉର୍ଦ୍ଧ ରୋଗି ଚିକିତ୍ସିତ ହୋଇଥିଲେ। ଏହି ଶିବିରରେ ଡାକ୍ତର ଙ୍କ ଏଡିଷ୍ଟେଣ୍ଡ ତନୋଜ କୁମାର ମହାନ୍ତି,ସରପଞ୍ଚ ତପନୀ ଭୂୟାଁ,ନାଏବ ସରପଞ୍ଚ ବରୁଣ ଜେନା, ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ସହ ୱାର୍ଡ଼ ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।ସ୍ଥାନୀୟ ଅଞ୍ଚଳରେ ଏଭଳି ଉଚ୍ଚକୋଟୀର ଚିକିତ୍ସାର ସୁବିଧା ମିଳୁଥିବାରୁ ଜଳେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

# ପାରାଦୀପ ଟ୍ରେଲର ମାଲିକ ସଂଘର ସଭାପତି ଭାବେ ପ୍ରକାଶ ଜେନା ଓ ସମ୍ପାଦକ ନଗେନ୍ଦ୍ର ରାଉତ ନିର୍ବାଚିତ



ପାରାଦୀପ, ୨୯/୬ (ନି.ପ୍ର): ପାରାଦୀପ ଟ୍ରେଲର ଓ ଗ୍ୟାସ ଟ୍ୟାଙ୍କର ମାଲିକ ସଂଘର ଏକ ସାଧାରଣ ବୈଠକ ହୋଟେଲ ଗୋଲଡେନ ଆଙ୍କର ସମ୍ମିଳନୀ କକ୍ଷରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ମିଳିତ ଟ୍ରେଲର ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସଂଘର ନିର୍ବାଚନ ବିଧିବଦ୍ଧ ଭାବେ କରା ଯାଇଥିଲା । ଏଥିରେ ସଭାପତି ଭାବେ ପ୍ରକାଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି କର୍ମେଶ୍ୱର ସ୍ୱାଇଁ, ଉପସଭାପତି ଆଶୁତୋଷ ସ୍ୱାଇଁ, ସମ୍ପାଦକ ନଗେନ୍ଦ୍ର ରାଉତ, ସହ ସମ୍ପାଦକ ସତ୍ୟଜିତ ପ୍ରଧାନ, ଯୁଗ୍ମ ସମ୍ପାଦକ ମନମୋହନ ନାୟକ ଓ କୋଷାଧ୍ୟକ୍ଷ ଭାବେ ତୃପ୍ତି ରଞ୍ଜନ ପୃଷ୍ଟି ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇ ସପଥପାଠ କରାଯାଇଥିଲା । ସୂଚନା ଥାଉକି ଗତ ଜୁନ ୧୨ ତାରିଖ ଦିନ ତିନୋଟି ଟ୍ରେଲର ସଂଘକୁ ନେଇ ମିଳିତ ସମନ୍ୱୟ କମିଟିରେ ଆସନ୍ତା ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ତିନୋଟି ଯାକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶେଷ କରିବାକୁ କମିଟିର ଅଧ୍ୟକ୍ଷ ପ୍ରକାଶ ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ । ଆଗାମୀ ଦିନରେ ପାରାଦୀପ ବନ୍ଦରରେ କଣ୍ଟେନର ଦ୍ୱାରା ପଣ୍ୟ ପରିବହନ କରିବାକୁ ବନ୍ଦର ପ୍ରାଧିକରଣ ନିଷ୍ପତି ନେଇଥିବାରୁ ଟ୍ରେଲର ମାଧ୍ୟମରେ କଣ୍ଟେନର ଗୁଡିକୁ ପରିବହନ କରାଯିବ । ଏଥିପାଇଁ ଆଗାମୀ ଦିନରେ ପାରାଦୀପରେ ବହୁ ଟ୍ରେଲରର ଆବଶ୍ୟକତା ପଡିବ । ପାରାଦୀପରେ ଟ୍ରେଲର ସଂଖ୍ୟା କମ ଥିବାରୁ ଏବଂ ଅଧିକ ଟ୍ରେଲର ର ଆବଶ୍ୟକତା କୁ ଦୃଷ୍ଟିରେ ରଖି ବ୍ୟବସାୟୀ ମାନଙ୍କୁ ନୂଆ ଟ୍ରେଲର କରିବା ପାଇଁ କମିଟି ତରଫରୁ ନୂତନ ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା ।

# ସମ୍ବଲପୁରରେ ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ସମ୍ବଲପୁର, ୨୮/୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଏବଂ ଏମ୍ଏସ୍ଏମ୍ଇ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ଗଙ୍ଗାଧର ମଣ୍ଡପ, ପୁରୁଣା ପୌରପାଳିକା ଛକ ନିକଟ, ସମ୍ବଲପୁରଠାରେ ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦ୍ଘାଟନ କରିଥିବା ବେଳେ ଏହି କାର୍ଯ୍ୟକ୍ରମ ଆଗାମୀ ଜୁଲାଇ ୦୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗ ସ୍ଥାପନା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଏବଂ ସ୍ୱାବଲମ୍ବୀ ହେବା ପାଇଁ ବିଭିନ୍ନ ସୁଯୋଗ ଓ ସରକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଯୁବବର୍ଗଙ୍କ ପାଇଁ ଏମ୍ଏସ୍ଏମ୍ଇ, ପିଏମ୍ଇଜିପି, ପିଏମ୍ଏଫ୍ଏମ୍ଇ ଆଦି ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉଦ୍ୟୋଗୀମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଓ ସୁଯୋଗ ସମ୍ପର୍କରେ ଅବଗତ କରାଯାଉଛି। ପ୍ରଦର୍ଶନୀ ପରିସରରେ ଏମ୍ଏସ୍ଏମ୍ଇ ଉତ୍ପାଦ, ପିଏମ୍ଇଜିପି ଓ ପିଏମ୍ଏଫ୍ଏମ୍ଇ ଅଧିନରେ ପ୍ରସ୍ତୁତ ସାମଗ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦ, ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଉପଲବ୍ଧ ରହିଥିବା ଦେଖାଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଉଦ୍ୟୋଗୀ, କାରିଗର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ବଜାର ସୁଯୋଗ ପ୍ରଦାନ କରିବା ସହ ଜିଲ୍ଲାରେ ଉଦ୍ୟମିତା ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରକାଶ କରିଛନ୍ତି।

# ମହାତ୍ମା ଗାନ୍ଧୀ ଟଟୋ ଏସୋସିଏସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



ଜଳେଶ୍ୱର, ୨୮/୬ (ନି.ପ୍ର): ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଟଟୋ ଏସୋସିଏସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ୫୬ ଇଉନିଟ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା। ମୁଖ୍ୟ ଅତିଥି ଭାବରେ ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକ, ଜିଲ୍ଲା ରକ୍ତ ଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସମ୍ପାଦକ ଇ ଡଃ ହୃଷୀକେଶ ସାହୁ, ଜଳେଶ୍ୱର ଥାନା ଅଧିକାରୀ ଅଶୋକ କୁମାର ବାରିକ, ଜଜଳେଶ୍ୱର ରକ୍ତ ଦାତା ସଂଘ ର ସଭାପତି ଡଃ ଅଜିତ କୁମାର ମହାନ୍ତି, ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା, ବଣିକ ସଂଘ ର ସଭାପତି ସୁଧୀର କୁମାର ମହାନ୍ତି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ସମ୍ପାଦକ ସୁବ୍ରତ କୁମାର ରଣା, ଲକ୍ଷ୍ମୁଧର ବାରିକ, ସମାଜସେବୀ ସିଦ୍ଧାର୍ଥ ଶଙ୍କର ପାଳ, ସମ୍ବାଦିକ ରବିନ୍ଦ୍ରନାଥ ସେନାପତି, ଅଶ୍ୱିନୀ କୁମାର ନାଥ, ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ,ଟୋ ଏସୋସିଏସନ ର ସଭାପତି ଧିରେନ୍ଦ୍ର ଭୂୟାଁ,ତପନ କୁମାର ସୁର,ଖୁକନ ଦେବନାଥ,ସପନ ଜେନା, ଦେବର୍ଷି ଜେନା,ହାଜିରା ବିବି, ରାଧାକାନ୍ତ ନନ୍ଦୀ, ଚିନ୍ମୟ କୁମାର ଚାନ୍ଦ, କାଉନସିଲର ସୁରଜ୍ କୁମାର ଚୈ।ରାସିଆ, ଉମେଶ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମୃତ ହମିଦ୍‌ଙ୍କ ପରିବାରକୁ ସାକ୍ଷାତ



ବାଲେଶ୍ୱର, ୨୯/୬ (ନି.ପ୍ର): ପବିତ୍ର ମହରମ୍ ତା୨୬-୦୬-୨୬ ରିଖ ଅପରାହ୍ନରେ ପ୍ରକାଶ୍ୟ ଦିବାଲୋକରେ ଅରଡ଼ ବଜାରରେ ଯୁବ ବ୍ୟବସାୟୀ ସେଖ୍ ହମିଦ୍‌ଙ୍କୁ ଦୁଇଜଣ ଦୁର୍ବୃତ୍ତ ଆଠ ରାଉଣ୍ଡ୍ ଗୁଳି ମାରି ଆହତ କରିବା ପରେ ବାଲେଶ୍ୱର ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ବାଲେଶ୍ୱର ସହରକୁ ସ୍ତବ୍ଧ କରିଦେଇଥିଲା। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ବାଲେଶ୍ୱର କେନ୍ଦ୍ର ଏହାକୁ ଦୃଢ଼ ନିନ୍ଦା କରିବା ସହ ଏକ ପ୍ରତିନିଧି ଦଳ ଆଜି ରବିବାର ଅପରାହ୍ନରେ ମୃତ ହମିଦ୍‌ଙ୍କ ଶୋକାକୁଳ ପରିବାରକୁ ସାକ୍ଷାତ କରି ଗଭୀର ସମବେଦନ ଜଣାଇ ତାଙ୍କ ବିଧବା ପତ୍ନୀ ଓ ନାବାଳକ ପିଲାଙ୍କୁ ଆଶ୍ୱାସନା ଦେଇଥିଲେ। ପ୍ରତିନିଧି ଦଳରୁ ମହମ୍ମଦ ଇସଲାମ୍ (ଆବାହକ), ପ୍ରତିମା ପଣ୍ଡା, ଜ୍ୟୋତ୍ସ୍ନା ସେନାପତି, ଇନ୍‌ତେଖାବ୍ ଅଲ୍ଲୀ, ସେଖ ନାଜିର୍, ସାଜିଦ୍ ଅଲ୍ଲୀ, ସକିଲା ବାନୋ, ପ୍ରତାପ ସିଂ, ସଂଯୁକ୍ତା ରାଣୀ ବେହେରା ପ୍ରମୁଖ ଏହି ସାକ୍ଷାତକାର ସମୟରେ ସେମାନଙ୍କର ଦୁର୍ଦ୍ଦିନ ସମୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସେମାନଙ୍କ ସହ ରହିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ସୋମବାର ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ବାଲେଶ୍ୱରର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ି ଯାଉଥିବାରୁ ହମିଦ୍‌ର ହତ୍ୟାକାରୀମାନଙ୍କୁ ତୁରନ୍ତ।

# ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଉଦ୍ଘାଟିତ

କେନ୍ଦ୍ରାପଡ଼ା, ୨୮/୬ (ନି.ପ୍ର): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ-୨୦୨୬କୁ ଆଜି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କେନ୍ଦ୍ରାପଡ଼ା ଠାରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଶୁଭ ଉଦ୍ଘାଟନ କରିଥିଲେ। ଚଳିତ ବର୍ଷ ୨୮ରୁ ୩୦ ଜୁନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସର ମୋଟ ୧,୧୦,୬୪୩ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ଔଷଧ ପ୍ରଦାନ କରାଯିବ। ପ୍ରଥମ ଦିନ ବୁଥ୍ ଗୁଡ଼ିକରେ ପୋଲିଓ ଡ୍ରପ୍ ପ୍ରଦାନ କରାଯାଉଥିବା ବେଳେ ଆସନ୍ତା ୨୯ ଓ ୩୦ ଜୁନରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଯେଉଁ ଶିଶୁମାନେ ପୋଲିଓ ଡ୍ରପ୍ ନେଇନଥିବେ ସେମାନଙ୍କୁ ଏହା ପ୍ରଦାନ କରିବେ।ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଟ୍ଟନାୟକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡା. ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡା. ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡ଼ା, ଆସିଷ୍ଟାଂଟ ମ୍ୟାନେଜର (କମ୍ୟୁନିଟି ପ୍ରୋସେସ) ନୃସିଂହ ଚରଣ ଭୂୟାଁ, ଆସିଷ୍ଟାଂଟ ମ୍ୟାନେଜର (ଏନ୍ସିଡି) ଶ୍ୟାମ ସୁନ୍ଦର ବିଶ୍ୱାଳ, ଆସିଷ୍ଟାଂଟ ମ୍ୟାନେଜର (ସହରାଚଂଳ ସ୍ୱାସ୍ଥ୍ୟ ମିଶନ) ମମତା ଦାଶ, ଜିଲ୍ଲା ଭ୍ୟାକ୍ସିନ୍ ଲଜିଷ୍ଟିକ୍ ମ୍ୟାନେଜର ଅବିନାଶ ଦାସ, ଜିଲ୍ଲା ଇମ୍ୟୁନାଇଜେସନ୍ ଆସିଷ୍ଟାଂଟ ମନୋଜ ଦାଶ, ଆଇଡିଏସପି ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ରାଉତ ଏବଂ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମାଥାନ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉଦ୍ଘାଟନ ପରେ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ପରାମର୍ଶଦାତା ବିଭିନ୍ନ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଥିବା ପଲ୍ସ ପୋଲିଓ ବୁଥ୍ ଗୁଡ଼ିକର ତଦାରଖ ପାଇଁ ବାହାରିଥିଲେ।

# ଗେଟାଲାଇଭ ହେଲଥ କେୟାର ଟାଇମ୍ସ ହେଲଥ ଆଇକନ୍ ପକ୍ଷରୁ ଶ୍ରେଷ୍ଠ ନ୍ୟୁରୋ ଫିଜିଓଥେରାପି ପୁନର୍ବାସରେ ସର୍ବୋତ୍ତମ ସମ୍ମାନରେ ସମ୍ମାନିତ




ଭୁବନେଶ୍ୱର , ୨୯/୬ (ନି.ପ୍ର): ଟାଇମ୍ସ ହେଲଥ ଆଇକନ୍ ଆୱାର୍ଡ଼ର ଅଷ୍ଟମ ସଂସ୍କରଣ ଭୁବେନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଟାଇମ୍ସ ହେଲଥ ଆଇକନ୍ ପକ୍ଷରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡିକୁ ସାମ୍ମାନୀତ କରାଯାଇଥାଏ । ଅନୁଷ୍ଠିତ ସାମ୍ମାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ସାମ୍ମାନୀତ ଅତିଥିଭାବେ ଏକାମ୍ର ବିଧାୟକ ମାନ୍ୟବର ବାବୁ ସିଂ ଓ ବଲିଉଡ୍ ଅଭିନେତା ବମନ୍ ଇରାନୀଙ୍କ ଉପସ୍ଥିତିରେ ଗେଟାଲାଇଭ ହେଲଥ କେୟାରକୁ ଶ୍ରେଷ୍ଟ ନ୍ୟୁରୋ ଫିଜିଓଥେରାପି ପୁନର୍ବାସରେ ସର୍ବୋତ୍ତମ ସମ୍ମାନରେ ସମ୍ମାନିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ କରକମଳରୁ ଗେଟାଲାଇଭ ହେଲଥ କେୟାର ନିର୍ଦ୍ଦେଶକ ଡ଼ା ପ୍ରଭଞ୍ଜନ ରାୟସାମନ୍ତ, ଡ଼ା ଦେବାଶିଷ ମିଶ୍ର ଓ ମିହିର ନନ୍ଦ ଗୋସ୍ୱାମି ଉପଢୌକନ ଓ ଆୱାର୍ଡ଼ ଗ୍ରହଣ କରିଥିଲେ । ଗେଟାଲାଇଭ ହେଲଥ କେୟାରକୁ ସାମ୍ମାନୀତ କରାଯାଇଥିବାରୁ ଗେଟାଲାଇଭ ହେଲଥ କେୟାର ନିର୍ଦ୍ଦେଶକମାନେ ଟାଇମ୍ସ ହେଲଥ ଆଇକନ୍, ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉପସ୍ଥିତ ଅତିଥି ମାନଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି ।

ସୋମବାର, ଜୁନ୍ ୨୯, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ୭୦ କେନ୍ଦ୍ରରେ ୧୦୨୫୩ ଶିଶୁ ଖାଇଲେ ପୋଲିଓ ବୁନ୍ଦା

ବୈଶିଙ୍ଗା , ୨୯/୬ (ନି.ପ୍ର): ଦେଶରେ ଗୋଟିଏ ହେଲେ ଶିଶୁ ଯେପରି ପୋଲିଓ ଗ୍ରସ୍ତ ନହୁଅନ୍ତି ସେଥିନିମନ୍ତେ ସରକାର ସତର୍କ ଦୃଷ୍ଟି ରଖିବା ସହ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଏହି ଅବସରରେ ୨୮ ତାରିଖ ରବିବାରରେ ଏହି ପୋଲିଓ ବୁନ୍ଦା ଶିଶୁ ମାନଙ୍କୁ ଦିଆଯାଇଛି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି । ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ ପଣ୍ଡା ପୋଲିଓ ବୁନ୍ଦା ପ୍ରଦାନ ନିମନ୍ତେ ୭୦ କେନ୍ଦ୍ରରେ ୨୮୩ କର୍ମଚାରୀ ନିୟୋଜିତ କରିଥିଲେ । ଏଥିରେ ଅଙ୍ଗନବାଡି, ଆଶା, ଏନଏମ, ସିଏଚ ଓ ଡାକ୍ତର ସାମିଲଥିଲେ । ସମୁଦାୟ ଦଶହଜାର ପାଞ୍ଚଶହ ଚଉରାନଲବେ ଶିଶୁ ଥିବାବେଳେ ଦଶହଜାର ଦୁଇଶହ ତେପନ ଶିଶୁ ଏହି ପୋଲିଓ ବୁନ୍ଦା ଖାଇଥିବା ଡାକ୍ତର ପଣ୍ଡା ପ୍ରକାଶ କରିଥିଲେ । ମୋଟ ହାର ୯୬. ୭୮ ପ୍ରତିଶତ ହୋଇଥିବା ଜଣାଯାଇଛି । ମୋଟ ୩୪୧ ଜଣ ଶିଶୁ ରବିବାର ଏହି ପୋଲିଓ ନେବାରୁ ବଞ୍ଚିତ ହୋଇଛନ୍ତି ।ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋଲିଓ ବୁନ୍ଦା ଖୁଆଯିବ ବୋଲି ସରକାରୀ ନିର୍ଦ୍ଦେଶ ଥିବାବେଳେ ସ୍ୱାସ୍ଥ୍ୟ



କର୍ମଚାରୀ ମାନେ ଘର ଘର ବୁଲି ସେମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ବୋଲି ଜଣାଯାଇଛି ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମର ସମାପନ ସମାରୋହ

ଭଦ୍ରକ, ୨୯/୬ (ନି.ପ୍ର): ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ୩୦ ଦିନାତ୍ମକ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମକୁ କୋରାପୁଟ କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଡ଼ଃ ନରସିଂହ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍ଇପି-୨୦୨୦ର ଦକ୍ଷତା ବିକାଶ ଶିକ୍ଷା ଓ ପ୍ରାଚ୍ୟ ବିଦ୍ୟା ଅନ୍ତର୍ଦେଶୀୟ ଶିକ୍ଷା ଏବଂ ସଂସ୍କୃତ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ଶ୍ରୀଯୁକ୍ତ ଅକ୍ଷୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଶ୍ରୀମତୀ ପଣ୍ଡା, ମଞ୍ଜୁଲତା ମହାପାତ୍ର ଓ ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷାର ମାନବିକ ମୂଲ୍ୟବୋଧ ତଥା ସମାଜ ଉପରେ ପ୍ରତିଫଳନ ସଂପର୍କରେ ଆଲୋକପାତ କରିଥିଲେ । ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଚାଲିଥିବା ପ୍ରଶିକ୍ଷଣ ଶିବିରର ଅନୁଭୂତି ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ମଧୁସୂଦନ ତ୍ରିପାଠୀ ଓ ଗୌରାଙ୍ଗ ଦାସ ସଭା ସଂଚାଳନ କରିଥିଲେ ।

## ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ରକ୍ତଦାନ ଶିବିର: ୪୩ ୟୁନିଟ ରକ୍ତ ସଂଗ୍ରହ

ବସ୍ତା , ୨୯/୬ (ନି.ପ୍ର): ହଳଦୀପଦାସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ହଳଦୀପଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ହଳଦୀପଦା ଗ୍ରାମପଞ୍ଚାୟତର ସରପଞ୍ଚ ବରେନ୍ଦ୍ର ସେଠୀ, ସମ୍ମାନିତ ଅତିଥି ରାଇସୁଆଁ ଗ୍ରାମପଞ୍ଚାୟତର ସରପଞ୍ଚ ଅଜିତ ମହାପାତ୍ର ଓ ରେମୁଣା ତହସିଲର ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ଉଦଳା ଉପଖଣ୍ଡସ୍ତରୀୟ ଓଡ଼ିଶା ରକ୍ତକେନ୍ଦ୍ରର ବ୍ଲଡ ବ୍ୟାଙ୍କ ଅଫିସର ଡ଼ା. ଖଗେଶ୍ୱର ସିଂହ, ଲାବୋରେଟୋରୀ ଟେକନିସିଆନ ପ୍ରଦୀପ କୁମାର ଦଳାଇ, ଅଭିନ୍ନ ସୁନ୍ଦର ନାୟକ, ଶ୍ରବଣ କୁମାର ବେହେରା ଏବଂ ସହଯୋଗୀ ମାନସ ରଞ୍ଜନ ମହାନ୍ତି ଓ ଭଗବାନ ବେହେରା ପ୍ରମୁଖ ଯୋଗଦେଇ ୪୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଓଡ଼ିଶା ରକ୍ତଦାତା ସଂଘର ସଭାପତି ଭିକାରୀ ଚରଣ ମିଶ୍ରୀ, ସମ୍ପାଦକ




ଗୋପାଳ ଚନ୍ଦ୍ର ସାହୁ, ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ ପ୍ରମୁଖ ଶିବିର ପରିଦର୍ଶନରେ ଆସି ସ୍ୱେଚ୍ଛା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ଅନିଲ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସଦସ୍ୟ ଓ ସହଯୋଗୀ ଶଙ୍କର ଧଳ, ସୁଶାନ୍ତ ସାହୁ, ମୋନାଲିସା ସାହୁ, ସୁମତି ସାହୁ, ନନ୍ଦନ ବେହେରା, ଗଣେଶ ସାହୁ, ହିତେଶ୍ୱା ସାମଲ , ଆଦିତ୍ୟ ସାହୁ, ସାଗର କୁମାର ସାହୁ, ସତ୍ୟବ୍ରତ ସାହୁ, ହିମାଂଶୁ ଶେଖର ସାହୁ, ମନୋଜ କୁମାର ସାହୁ, ରୁଦ୍ର ନାରାୟଣ ଜେନା, ଶୁଭଙ୍କର ସାହୁ, ଆଦିତ୍ୟ ସାହୁ, ସନ୍ତୋଷ ସାହୁ, ସୋହମ ସାହୁ ଓ ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସମ୍ପାଦକ ଅନିଲ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରଲୋକରେ ପୂର୍ବତନ ପୋଲିସ ଅଧିକାରୀ ବ୍ରଜ କିଶୋର ଦାସ

ବାସୁଦେବପୁର, ୨୮/୬ (ନି.ପ୍ର): ଶୁକ୍ରବାର ରାତ୍ର ୩.୫୦ ମିନିଟରେ ତାଙ୍କର ପରଲୋକ ହୋଇଛି । ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ର ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଦୀର୍ଘଦିନ ଧରି ସଜ୍ଜାଶାୟୀ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସେ ପ୍ରଥମେ କନେଷ୍ଟବଲରୁ ଚାକିରୀ ଆରମ୍ଭ କରି ସବଇନିସ୍ପେକ୍ଟର ରେ ଅବସର ଗ୍ରହଣ କରିଥିଲେ । ତାଙ୍କର କର୍ମମୟ ଜୀବନ ବାଲେଶ୍ୱର ଓ ଭଦ୍ରକ ର ବିଭିନ୍ନ ଥାନା ଓ ଫାଣ୍ଡି ରେ କଟିଥିଲା । ମୃତ୍ୟୁ ସମୟରେ ତାଙ୍କ ନିକଟରେ ବଡ ଭାଇ ବୀରକିଶୋର ଦାସ ,ସ୍ତ୍ରୀ ସଞ୍ଜୁଲତା ଦାସ , ପୁଅ,ବହୁ ଭଉଣୀ ଭିଣୋଇ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ଜନ୍ମ ମାଟି ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ପଢୁଆଁ ଠାରେ ଶେଷକୃତ ସଂପର୍ଣ କରାଯାଇଛି । ତାଙ୍କର ଏକ ମାତ୍ର ପୁତ୍ର ଡାକ୍ତର କୃତବିଦ୍ୱା ଦାସ ମୁଖାଗ୍ନି ଦେଇଥିଲେ ।

## ବାରିପଦା ଓ ବାଲେଶ୍ୱର କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ



ବାରିପଦା, ୨୯/୬ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାଲେଶ୍ୱର କ୍ରିକେଟ ଏକାଡେମୀ ଓ ବାରିପଦା କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୧୪ ବର୍ଷରୁ କମ ଖେଳାଳିଙ୍କ ମଧ୍ୟରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି ଓ ଏହି ମ୍ୟାଚରେ ବାଲେଶ୍ୱର ୧ ଉଇକେଟରେ ବାରିପଦାକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ବାରିପଦା ୩୦ ଓଭରରେ ୭ ଉଇକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅଂଶୁମାନ ସର୍ବାଧିକ ୬୮ ଓ ବିଶ୍ୱପ୍ରସାଦ ୧୫ ରନ କରିଥିବା ବେଳେ ବିପକ୍ଷ ଦଳର ମାନବ ତାଳଦି ୨ଟି ଓ ଆଶିଷ କାଦରୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ବାଲେଶ୍ୱର ୨୨. ୩ ଓଭରରେ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଆୟୁଷ୍ମାନ ଦାସ ସର୍ବାଧିକ ୪୦ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ତନ୍ମୟ ୩ଟି ଓ ସଂକେତ ଚାକଲଦାର ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ମିର ଆକବର ଅଲ୍ଲୀ ଓ ମହମ୍ମଦ ନାଫିସୁଲ ଖେଳ ପରିଚାଳନା କରିଥିବା ବେଳ ତାପସ ଦେ ସ୍କୋରିଙ୍ଗରେ ସହାୟତା ପ୍ରଦାନ କରିଥିଲେ ଓ ଉଭୟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଯୁବ ଖେଳାଳିଙ୍କୁ ମ୍ୟାଚ ଖେଳିବାର ସୁଯୋଗ ଦେବାପାଇଁ ଏହି ଖେଳର ଆୟୋଜନ କରାଯାଇଥିଲା ବୋଲି ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଦାସ ଓ ପୂର୍ବତନ ରାଜ୍ୟ ସ୍ତରୀୟ ଖେଳାଳି ସାଇବା ସିଂ ଜଣାଇଛନ୍ତି ।

## ଭଦ୍ରକରେ ୩ ଦିନିଆ ପଲସ ପୋଲିଓ ଅଭିଯାନର ଶୁଭାରମ୍ଭ: ୧.୪୧ ଲକ୍ଷ ଶିଶୁଙ୍କୁ ଟୀକାକରଣ ଲକ୍ଷ୍ୟ

ଭଦ୍ରକ, ୨୯/୬ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଆଜିଠାରୁ ବାର୍ଷିକ ତିନିଦିନିଆ ପଲସ ପୋଲିଓ ଅଭିଯାନର ଶୁଭାରମ୍ଭ ହୋଇଛି। ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟ ଏହି ଅଭିଯାନର ଉଦ୍ଘାଟନ କରି ଶିଶୁମାନଙ୍କୁ ପୋଲିଓ ଟିକାର ବୁନ୍ଦା ପିଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ବୁନ୍ଦା ପ୍ରଦାନ କରାଯିବ। ପ୍ରଥମ ଦିନ ଅର୍ଥାତ୍ ୨୮ ଜୁନରେ ଜିଲ୍ଲାର ୮୨୦ଟି ବୁଥରେ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଟୀକାକରଣ କାର୍ଯ୍ୟକ୍ରମ ଚାଲିବ। ପରବର୍ତ୍ତୀ ଦୁଇଦିନ,




ଅର୍ଥାତ୍ ୨୯ ଓ ୩୦ ଜୁନରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଜିଲ୍ଲାର ପ୍ରାୟ ୩,୦୭,୪୩୧ଟି ପରିବାରକୁ ଘରକୁ ଘର ବୁଲି ବୁଥକୁ ଆସିପାରିନଥିବା ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପିଆଇବେ।ଚଳିତ ବର୍ଷ ଏହି ଅଭିଯାନରେ ଜିଲ୍ଲାର ମୋଟ ୧,୪୧,୧୯୦ ଜଣ ଶିଶୁଙ୍କୁ ପୋଲିଓ ଟୀକାକରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛିଉଦ୍ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ପରିବାର କଲ୍ୟାଣ ଓ ଟୀକାକରଣ ଅଧିକାରୀ ଡ଼. କନକଲତା ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଧୀରରଞ୍ଜନ ନାୟକ, ଜିଲ୍ଲା ରୋଗ ନିରୀକ୍ଷଣ ଅଧିକାରୀ ଡ଼. ସଙ୍ଗୀତା ବଳଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ଼. ମୁରଲୀଧର ପାଢ଼ୀ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲାପାଳ ସମସ୍ତ ଅଭିଭାବକଙ୍କୁ ୫ ବର୍ଷରୁ କମ୍ ବୟସର ପ୍ରତ୍ୟେକ ଶିଶୁଙ୍କୁ ନିଶ୍ଚିତ ଭାବେ ପୋଲିଓ ବୁନ୍ଦା ପିଆଇ ଏହି ଜନସ୍ୱାସ୍ଥ୍ୟ ଅଭିଯାନକୁ ସଫଳ କରିବା ପାଇଁ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି।

## ଜାତୀୟ ପଲସ ପୋଲିଓ ଟୀକାକାରଣ ଦିବସ ପାଳିତ

ବାଲେଶ୍ୱର, ୨୯/୬ (ନି.ପ୍ର): ଜିଲ୍ଲା ଟିକା କରଣ କେନ୍ଦ୍ର କକ୍ଷରେ ଶୁଭ ଉଦଘାଟନ ସମାରୋହ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ - ଦୁଇ ବୁନ୍ଦା ପ୍ରତେକ ଥର, ପୋଲିଓ ଉପରେ ବିଜୟ ରହୁ ନିରନ୍ତର। ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ପିଲା ଜଣକୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ଶୁଭାରମ୍ଭ କରିଥିଲେ। ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ଅନ୍ନପୂର୍ଣ୍ଣା ଜେନା, ଡାକ୍ତର ସ୍ମୃତି ପ୍ରକାଶ ମିଶ୍ର, ଚକ୍ରଧର ଜେନା, ଜିତେନ୍ଦ୍ର ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ରଞ୍ଜନ ମହନ୍ତ, ସାସ୍ୱତୀ ମିଶ୍ର, ନୂତନ ପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ଏହି କାର୍ଯ୍ୟକ୍ରମ ଜୁନ ୨୮ ତାରିଖରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।



ପ୍ରଥମ ତଥା ଜୁନ ୨୮ ତାରିଖରେ ସମଗ୍ର ଜିଲ୍ଲାରେ ୧୯୨୭୬୧ ଜଣ ଜନ୍ମରୁ ୫ ବର୍ଷ ପିଲାଙ୍କୁ ୧୦୬୩ ଟି ଟୀକା କରଣ କେନ୍ଦ୍ର, ୪୬ ଗୋଟି ଟ୍ରାଞ୍ଜିଟ୍ ଦଳ ଏବଂ ୨୩ ଗୋଟି ଭ୍ରାମ୍ୟ ମାଣ ଦଳ ଜରିଆରେ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ ଧାର୍ଯ୍ୟ କରା ଯାଇଛି। ଏଥି ନିମନ୍ତେ ୪୩୯୦ ଜଣ ଆଶା କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ସ୍ୱେଚ୍ଛାସେବୀ ୨୧୯ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ ଙ୍କ ପ୍ରତେକ୍ଷ ତତ୍ୱାବଧାନ ରେ ପରବର୍ତୀ ଦୁଇ ଦିନ ଅର୍ଥାତ ଜୁନ ୨୯ ଓ ୩୦ ତାରିଖ ଦିନ ୪୯୮୨୬୩ ଘରକୁ ପରିଦର୍ଶନ କରି ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ ରଖା ଯାଇଛି। ଆଜି ଜୁନ ୨୮ତାରିଖ ଶେଷ ସୁଦ୍ଧା ସମଗ୍ର ଜିଲ୍ଲାରେ ୧୪୦୯୫୧(୮୦%) ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆ ଯାଇଛି। ଅବଶିଷ୍ଟ ପିଲାଙ୍କୁ ଆସନ୍ତା ଦୁଇ ଦିନରେ ଘରକୁ ଘର ବୁଲି ଦିଆଯିବାର ବ୍ୟବସ୍ଥା ହୋଇଛି।

## କରାଚିରେ ସୁରକ୍ଷାକର୍ମୀଙ୍କ ବେସ୍ ଉପରେ ଆକ୍ରମଣ: ତିନି ରେଞ୍ଜର୍ ମୃତ

ନୂଆଦିଲ୍ଲୀ,୨୮/୬ : ପାକିସ୍ତାନୀ ସହର କରାଚିର ଗୁଲିସ୍ତାନ-ଏ-ଜୌହର ଅଞ୍ଚଳରେ ସୁରକ୍ଷା ବାହିନୀ ପ୍ରତିଷ୍ଠାନ ଉପରେ ଆକ୍ରମଣରେ ତିନି ଜଣ ସିନ୍ଧ ରେଞ୍ଜର୍ସ କର୍ମଚାରୀ ନିହତ ହୋଇଥିଲେ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବିସ୍ଫୋରଣ ସହିତ ବିଶ୍ୱବିଦ୍ୟାଳୟ ରୋଡରେ ଥିବା ମେଟ୍ରୋଲୋଜିକାଲ୍ ଚୌକ୍ ନିକଟରେ ମଧ ଜୋରରେ ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା, ଯାହା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଘଟଣାର ଖବର ପାଇବା ମାତ୍ରେ ପୋଲିସ, ରେଞ୍ଜର୍ସ ଏବଂ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନ ଏଜେନ୍ସିର ଦଳ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ।

## ଏକଲ ଅଭିଯାନ ଆରୋଗ୍ୟ ଶିକ୍ଷା ପକ୍ଷରୁ ନୋଟ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା ଶିବିର

ଉଦଳା, ୨୯/୬ (ନି.ପ୍ର): ଏକଲ ଅଭିଯାନ ଆରୋଗ୍ୟ ଶିକ୍ଷା (ଗତିବିଧି ବିଭାଗ) ଓ ବନବନ୍ଧୁ ପରିଷଦଙ୍କ ସହଯୋଗରେ କପ୍ତିପଦା ବ୍ଲକ ଅନ୍ତର୍ଗତ ନୋଟ ଗ୍ରାମଠାରେ ଚଳିତ ଜୁନ ୨୭ ତାରିଖ ଶନିବାର ଦିନ ଦିବସ ବ୍ୟାପି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନିଜକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଆମର ଦିନଚର୍ଯ୍ୟା କିଭଳି ହେବା ଉଚିତ ସେ ସମ୍ପର୍କରେ ପ୍ରାରମ୍ଭରେ ଆଲୋଚନା କରାଯାଇଥିଲା ।




ଆଲୋଚକ ଭାବରେ ଡ଼ା. ସୌମ୍ୟଦିପ ମୁଦୁଲି, ଡ଼ା. ଧନଞ୍ଜୟ ମହାନ୍ତ, ଅଂଚଳ ସଭାପତି ମନୋରଂଜନ ମଲିକ, ଅଂଚଳ ଅଭିଯାନ ପ୍ରମୁଖ ଗୌରଚନ୍ଦ୍ର ଜେନା, ସଂଭାଗ ଗତିବିଧି ପ୍ରମୁଖ ରାଜିବ ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ଶିବିରରେ ଯୋଗ ଦେଇଥିବା ଗ୍ରାମବାସୀଙ୍କର ବିପି, ସୁଗାର, ହିମଗ୍ଲୋବିନ ଆଦିର ପରୀକ୍ଷା କରାଯାଇଥିଲା । ଆଂଠୁ ଗଂଠି ବାତ, ରକ୍ତହୀନତା ରୋଗୀଙ୍କୁ ଚିହ୍ନଟ କରି ମାଗଣାରେ ଔଷଧ ବଂଟନ କରାଯାଇଥିଲା । ଏହି ଶିବିରରେ ମୋଟ ୨୧୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାର ଜଣାଯାଇଛି । ସମ୍ଭାଗ ପ୍ରମୁଖ ସୁକେଶ ବେହେରା ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଡ଼ା. ପ୍ରଫୁଲ ସାହୁ , ସୁବ୍ରତ ମହାନ୍ତି, ରାମଚନ୍ଦ୍ର ଶା ସହଯୋଗ କରିଥିଲେ । ଡ଼. ହରିଶ ଆନନ୍ଦ ଜୀ ଶିବିରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିଥିବା ବେଳେ ପ୍ରଭାଗ ସଂପାଦକ ରଥୁ ମହାନ୍ତ ଓ ପ୍ରଭାଗ କାର୍ଯ୍ୟାଳୟ ପ୍ରଭାରି ଅଶୋକ ମୁଦୁଲି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିବିର ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସଂଚ ସମିତି ସଭାପତି ଅର୍ଜୁନ ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିବା ବେଳେ ଶିବିରକୁ ସଫଳ କରିବାରେ ଜୟରାମ ବାଙ୍କିରା, ବେଣୁଧର କଂଟା ବାଉଁଶିଆ, ସସ୍ମିତା ମହାନ୍ତି, ସରସ୍ୱତି ମହାନ୍ତ, ଲିପି ବିରୁଆ, ଦେବକି ମହାନ୍ତ, ସବିତା ଶଙ୍ଖୁଆ ପ୍ରମୁଖ ସହଯୋଗ କରିଥିଲେ ।

## ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ମା' ଛେଉଣ୍ଡ ପୁତ୍ର 'ତୁରି'

ଉଦଳା, ୨୯/୬ (ନି.ପ୍ର): କପ୍ତିପଦା ବ୍ଲକର ନୋଟ ପଂଚାୟତ ଅନ୍ତର୍ଗତ ପ୍ରଶନ୍ନଚନ୍ଦ୍ରପୁର ଗ୍ରାମର ବାସିନ୍ଦା ଜଙ୍କ ସିଂ ଙ୍କର ୮ ବର୍ଷ ବୟସର ପୁତ୍ର 'ତୁରି' ଏପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର ଜଣାଯାଇଛି । ଖବର ନେବାରୁ 'ତୁରି'ଙ୍କର ଆଧାର କାର୍ଡ଼ ନାହିଁ । ଆଧାର ପାଇଁ ସେ ଫଟୋ ଉଠାଇଥିଲେ ମଧ୍ୟ ତାଙ୍କର କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା କହିଛନ୍ତି । ଆଧାର ନଥିବା ଯୋଗୁଁ କୌଣସି ବିଦ୍ୟାଳୟ 'ତୁରି'ଙ୍କର ନାମ ନଲେଖାଇ ଫେରାଇ ଦେଉଥିବାର କଥା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମାତା ମଂଜୁ ସିଂଙ୍କର ଦେହାନ୍ତ ହୋଇଯିବା ପରେ ଘରେ 'ତୁରି'ଙ୍କର ଯତ୍ନ ନେବା ପାଇଁ କେହି ନାହାଁନ୍ତି । ଫଳରେ ଅବହେଳିତ ଅବସ୍ଥାରେ 'ତୁରି' ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ୍ୟ ହେଉଛନ୍ତି । ପିତା ଦିନ ମଜୁରିଆ ଭାବରେ କାମ କରିବା ପାଇଁ ବାହାରକୁ ଯାଉଛନ୍ତି । ତେବେ 'ତୁରି' ଙ୍କୁ କୌଣସି ହଷ୍ଟେଲରେ ରଖିଦେବା ସହ ତାଙ୍କର ପାଠପଢ଼ାର ସବୁପ୍ରକାର ବ୍ୟବସ୍ଥା ତୁରନ୍ତ କରିଦେବା ପାଇଁ ଜନଜାଗୃତି ମଂଚର ସଦସ୍ୟ ମାନେ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି ।

## ପାରାଦୀପରେ ପଲସ୍ ପୋଲିଓ ଟୀକାକରଣ: ବନ୍ଦର ଚିକିତ୍ସାଳୟରେ ପୋଲିଓ ବୁନ୍ଦା ଖୁଆଇଲେ ବନ୍ଦର ଅଧ୍ୟକ୍ଷ

ପାରାଦୀପ, ୨୯/୬ (ନି.ପ୍ର): ସମଗ୍ର ଦେଶକୁ ପୋଲିଓ ମୁକ୍ତ କରିବାକୁ ଭାରତ ସରକାର ପ୍ରୟାସ ଜାରି ରଖିଛନ୍ତି ।ଏନେଇ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଂଞ୍ଚଳ ସବୁଆଡେ ଏହି ବ୍ୟବସ୍ଥା ଜାରି ରହିଛି। ପୋଲିଓ ମୁକ୍ତ ଭାରତ ଗଠନର ଲକ୍ଷ୍ୟ ନେଇ ଆଜି ରବିବାର ବନ୍ଦର ଚିକିତ୍ସାଳୟରେ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏହି ଟୀକାକରଣ



କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ହରନାଦ ପିଲାମାନଙ୍କୁ ପୋଲିଓ ଦୁଇ ବୁନ୍ଦା ଖୁଆଇ ସୁସ୍ଥ ଭାରତ, ପୋଲିଓ ମୁକ୍ତ ଭାରତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । ଜନ୍ମ ଠାରୁ ୫ବର୍ଷ ପର୍ଯ୍ୟନ୍ତ ପିଲାମାନେ ଏଠାରେ ପହଂଚି ପୋଲିଓ ଦୁଇ ବୁନ୍ଦା ଖାଇଥିଲେ । କାର୍ଯ୍ୟକ୍ରମରେ ବନ୍ଦରର ବିଭିନ୍ନ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ବନ୍ଦର ଚିକିତ୍ସାଳୟର ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida